୧୯-୨୫ ଅକ୍ଟୋବର, ୨୦୨୫

ସକାଳ
THE SAKALA
ରବିବାର

# ସିନ୍ଦୁରା

- ହବିଷ ବ୍ରତର ମାହାତ୍ମ୍ୟ
- ଶ୍ରୀଜଗନ୍ନାଥ ସଂସ୍କୃତିରେ ହବିଷ୍ୟ ପରମ୍ପରା
- କାର୍ତ୍ତିକରେ ତୁଳସୀ ପୂଜା
- ପଞ୍ଚୁକରେ ପଞ୍ଚତୀର୍ଥ



# ପବିତ୍ର କାର୍ତ୍ତିକ



ପୁଣ୍ୟ ଓ ପବିତ୍ର ମାସ କାର୍ତ୍ତିକ । 'ନାରଦୀୟ ପୁରାଣ' ଅନୁସାରେ କାର୍ତ୍ତିକ ହେଉଛି ଶ୍ରେଷ୍ଠ ମାସ । ଏହି ମାସରେ ଦାନ,ଧର୍ମ, ସ୍ନାନ, ବ୍ରତ କଲେ ପୁଣ୍ୟ ଲାଭ ହୋଇଥାଏ । ସେଥିପାଇଁ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ଲୋକେ ନିଷ୍ଠା ଓ ଆନ୍ତରିକତା ସହିତ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । କାର୍ତ୍ତିକ ମାସରେ ନଦୀ, ପୁଷ୍କରିଣୀ, ସମୁଦ୍ରରେ ପ୍ରାତଃସ୍ନାନ କରି ଭଗବାନଙ୍କୁ ଆରାଧନା କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ଗଭୀର ବିଶ୍ୱାସ ରହିଛି । ମହିଳାମାନେ ମାସ ସାରା କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । ସାତ୍ତ୍ୱିକ ଆହାର ଭକ୍ଷଣ କରିବା ସହିତ ଦାନ,ଧର୍ମରେ ନିଜକୁ ନିମଜ୍ଜିତ କରିରଖିଥାନ୍ତି । ବିଧବା ମହିଳାମାନେ ସ୍ୱର୍ଗତ ପତିଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା ପାଇଁ ହବିଷ ବ୍ରତ ପାଳନ କରିଥାନ୍ତି । ସେହିପରି ଆମ ସଂସ୍କୃତିରେ ତୁଳସୀ ଚଉରାର ସ୍ଥାନ ସ୍ୱତନ୍ତ୍ର । ଏହି ସମୟରେ ପ୍ରତିଟି ଓଡ଼ିଆ ଘରେ ଚଉରା ଚାରି ପାଖରେ ରଙ୍ଗବେରଙ୍ଗର ମୁରୁଜ ପକାଇ ପ୍ରତିଦିନ ତୁଳସୀ ପୂଜା କରାଯାଏ । କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନକୁ 'ପଞ୍ଚକ' ବା 'ପଞ୍ଚୁକ' ବୋଲି କୁହାଯାଏ । କେହି କେହି 'ଭୀଷ୍ମ ପଞ୍ଚକ' ବୋଲି କହିଥାନ୍ତି । ଏହି ସମୟରେ ମାଛ, ମାଂସ ଆଦି ଆମିଷ ଖାଦ୍ୟ ଖାଇବା ସଂପୂର୍ଣ୍ଣ ନିଷେଧ । ଏହାକୁ ନେଇ କେତେକ ଧାର୍ମିକ ଓ ବୈଜ୍ଞାନିକ କାରଣ ମଧ୍ୟ ରହିଛି । ତେବେ ଯେଉଁମାନେ ମାସ ସାରା ବ୍ରତ ପାଳନ କରି ନଥାନ୍ତି, ସେମାନେ ଏହି ପାଞ୍ଚ ଦିନ ଭକ୍ତି ଓ ନିଷ୍ଠାର ସହିତ ବ୍ରତ ରଖିଲେ ମଧ୍ୟ କାର୍ତ୍ତିକ ବ୍ରତର ପୁଣ୍ୟ ପ୍ରାପ୍ତି ହୋଇଥାନ୍ତି । ପଞ୍ଚକରେ ହବିଷ୍ୟାଳିମାନେ ଶ୍ରୀକ୍ଷେତ୍ର ପୁରୀର ପଞ୍ଚତୀର୍ଥରେ ସ୍ନାନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ ପୁର୍ନଜନ୍ମରୁ ମୁକ୍ତି ଲାଭ କରିଥାନ୍ତି ବୋଲି କୁହାଯାଏ । ତେଣୁ ଏହି ସମୟରେ ଶ୍ରୀକ୍ଷେତ୍ରରେ ହବିଷ୍ୟାଳିଙ୍କ ଭିଡ଼ ଜମିଥାଏ । ସେହିପରି ହିନ୍ଦୁ ପରମ୍ପରାରେ ତୁଳସୀ ପୂଜା, କାର୍ତ୍ତିକ ବ୍ରତ ପାଳନ, ରାଇ ଦାମୋଦର ପୂଜା, ବାଲୁଙ୍କା ପୂଜା, ବୋଇତ ବନ୍ଦାଣର ବିଶେଷ ମହତ୍ତ୍ୱ ରହିଛି । କାର୍ତ୍ତିକ ବ୍ରତ ବା ହବିଷ ବ୍ରତ ପାଳନ ପରିପ୍ରେକ୍ଷୀରେ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା : **ପବିତ୍ର କାର୍ତ୍ତିକ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



# କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ ଆଶା କରୁଥିବା ଦିଗରୁ ସୁଫଳ ପାଇବେ । ସମସ୍ୟାର ସମାଧାନ ଘଟିବ । ମଙ୍ଗଳ, ବୁଧ, ଗୁରୁବାରରେ ଅଧିକ ବିଶ୍ୱାସ କରି ଠକାମିର ଶିକାର ହୋଇପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେବ ।

**ବୃଷ**
ରବି, ସୋମବାରରେ ଅତିଥିଙ୍କ ଆଗମନ ହୋଇପାରେ । ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ । ମଙ୍ଗଳ, ବୁଧ, ଗୁରୁବାରରେ ବ୍ୟବସାୟରେ ଅଧିକ ପୁଞ୍ଜି ନିବେଶ କରି ଲାଭବାନ ହେବେ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହେବେ ।

**ମିଥୁନ**
ରବି,ସୋମବାରରେ ଅକସ୍ମାତ୍ ବନ୍ଧୁମିଳନ ହୋଇପାରେ । ମଙ୍ଗଳ, ବୁଧ, ଗୁରୁବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ପରିବାରଠାରୁ ସହଯୋଗ ନ ପାଇ ଦୁଃଖିତ ହେବେ । ଶୁକ୍ର, ଶନିବାରରେ ବେରୋଜଗାରିଆମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

**କର୍କଟ**
ରବି,ସୋମବାରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ । ମଙ୍ଗଳ,ବୁଧ,ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇ ପାରେ । ଶୁକ୍ର, ଶନିବାରରେ ସନ୍ତାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ । ବ୍ୟବସାୟରେ କ୍ଷତି ହୋଇପାରେ ।

**ସିଂହ**
ରବି, ସୋମବାରରେ ନିଜ ସ୍ୱାଧୀନତାରେ ବାଧା ସୃଷ୍ଟି ହୋଇପାରେ । ମଙ୍ଗଳ,ବୁଧ, ଗୁରୁବାରରେ ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ବ୍ୟବସାୟିକ ଲାଭାନ୍ୱିତ ହେବେ । କଠିନ ପରିଶ୍ରମ କରି ସଫଳତା ପାଇବେ ।

**କନ୍ୟା**
ରବି, ସୋମବାରରେ ମାନସିକ ଅଶାନ୍ତି ଭୋଗି ପାରନ୍ତି । କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି ହୋଇପାରେ । ମଙ୍ଗଳ, ବୁଧ, ଗୁରୁବାରରେ ଧାର୍ମିକ କାର୍ଯ୍ୟରେ ମନ ବଳାଇବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ ନେଇ ଆଗକୁ ବଢ଼ିବେ ।

**ତୁଳା**
ରବି,ସୋମବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ ନୂଆ କାମ କରି ଉତ୍ସାହିତ ରହିବେ । ଛାତ୍ରଛାତ୍ରୀମାନେ କ୍ୟାରିୟର ପାଇଁ ଚିନ୍ତିତ ରହିବେ । ଶୁକ୍ର,ଶନିବାରରେ ପାରିବାରିକ ନିବିଡ଼ତା ବୃଦ୍ଧି ପାଇବ ।

**ବିଛା**
ରବି, ସୋମବାରରେ କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହେବେ । ପରିବାର ସହଯୋଗରେ ଅର୍ଥଚିନ୍ତା ଦୂର ହେବ । ମଙ୍ଗଳ,ବୁଧ, ଗୁରୁବାରରେ ଗୁପ୍ତ କଥାକୁ ଅନ୍ୟକୁ କୁହନ୍ତୁ ନାହିଁ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହୋଇପାରେ ।

**ଧନୁ**
ରବି, ସୋମବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ । ସମସ୍ୟାର ସମାଧାନ ବାଟ ପାଇବେ । ମଙ୍ଗଳ,ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନଅନ୍ତୁ ନାହିଁ ।

**ମକର**
ରବି, ସୋମବାରରେ ମାନସିକ ଅବସାଦର ଶିକାର ହୋଇପାରେ । ମଙ୍ଗଳ, ବୁଧ, ଗୁରୁବାରରେ ସାଙ୍ଗସାଥୀଙ୍କ ସହ ଭୁଲ୍ ବୁଝାମଣା ପାଇଁ ଦୂରତା ବଢ଼ିବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ । ଭାଇ ଭଉଣୀଙ୍କ ସହଯୋଗ ପାଇବେ ।

**କୁମ୍ଭ**
ରବି,ସୋମବାରରେ ପରିବାରରେ ଏକତା ବଢ଼ିବ । ମଙ୍ଗଳ,ବୁଧ,ଗୁରୁବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ । ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ । ଶୁକ୍ର, ଶନିବାରରେ ସୁଖ ସନ୍ତୋଷର ଅଧିକାରୀ ହେବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ ।

**ମୀନ**
ରବି, ସୋମବାରରେ କର୍ମକ୍ଷେତ୍ରରେ ବ୍ୟସ୍ତତା ମଧ୍ୟରେ ରହିବେ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ମଙ୍ଗଳ, ବୁଧ, ଗୁରୁବାରରେ ବ୍ୟବସାୟରେ ପ୍ରସାର ହୋଇପାରେ । ଶୁକ୍ର,ଶନିବାରରେ ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବେ । ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



ନ କାର୍ତ୍ତିକ ସମୋ ମାସୋ ନ କୃତେନ ସମଂ ଯୁଗମ୍,
ନ ବେଦ ସଦୃଶଂ ଶାସ୍ତ୍ରଂ ନ ତୀର୍ଥମ୍ ଗଙ୍ଗାୟା ସମମ୍ ।
ନ ପ୍ରଦେଶ ସଦୃଶଂ କଳିଙ୍ଗ ନ ଦେଶ ସମମ୍ ଭାରତ,
ନ ପିତୃଣାମ୍ ସଦୃଶଂ ଦେବଂ ନ ତୀର୍ଥ ସ୍ୱଗୃହ ସମମ୍ ।।

ଅର୍ଥାତ୍, କାର୍ତ୍ତିକ ମାସ ସମାନ ମାସ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ, ବେଦ ପରି ଶାସ୍ତ୍ର ନାହିଁ ଏବଂ ଗଙ୍ଗା ପରି ନଦୀ ନାହିଁ। ଠିକ୍ ସେହିପରି କଳିଙ୍ଗ ସଦୃଶ ପ୍ରଦେଶ ନାହିଁ, ଭାରତ ସଦୃଶ ଦେଶ ନାହିଁ, ପିତାମାତାଙ୍କ ପରି ଦେବତା ନାହାନ୍ତି ଏବଂ ନିଜ ଜନ୍ମ କୋଠି/ ଗୃହ ପରି ତୀର୍ଥ ନାହିଁ।

# ହବିଷ ବ୍ରତର ମାହାତ୍ମ୍ୟ



**ପଣ୍ଡିତ ଦୈତ୍ୟାରି ମହାପାତ୍ର**

କାର୍ତ୍ତିକ ମାସ ହେଉଛି ଭଗବାନ ବିଷ୍ଣୁଙ୍କର ଅତି ପ୍ରିୟ ମାସ। ଆମ ପୁରାଣ ଶାସ୍ତ୍ର ଅନୁସାରେ ଚତୁର୍ମାସ ସମୟରେ ଭଗବାନ ବିଷ୍ଣୁ ଶୁକ୍ଲ ଦେବଶୟନ ଏକାଦଶୀରେ ଯୋଗ ନିଦ୍ରାରେ ଶୟନ କରି କାର୍ତ୍ତିକ ଶୁକ୍ଳ ଦେବ ପ୍ରବୋଧିନୀ/ ଦେବୋତ୍ଥାପନ ଏକାଦଶୀରେ ଉଠିଥାନ୍ତି। ଏକାନ୍ତ ଭକ୍ତି , ନିଷ୍ଠା ଓ ଏକାଗ୍ରତାର ସହିତ ଏହି ମାସଟିକୁ ବିଧି ବିଧାନ ପୂର୍ବକ ପାଳନ କଲେ ପୁଣ୍ୟଫଳ ମିଳିଥାଏ। କୃତ୍ତିକା ନକ୍ଷତ୍ର ଯୁକ୍ତ ପୂର୍ଣ୍ଣିମା ପଡୁଥିବା ମାସକୁ କାର୍ତ୍ତିକ ମାସ କୁହାଯାଏ। ବର୍ଷକ ବାର ମାସ ମଧ୍ୟରୁ ଆ- କା- ମା-ବୈ ଏହି ଚାରି ମାସ ଅତି ପବିତ୍ର ଏବଂ ଧର୍ମ ମାସ।



## ପୁରାଣରେ ହବିଷ ପାଳନ ପରମ୍ପରା

'ନରଦୀୟ ପୁରାଣ' ଏବଂ ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କ 'ମହାଭାରତ'ର ଆଦିପର୍ବରେ କାର୍ତ୍ତିକ ମାସର ପବିତ୍ରତା ସମ୍ପର୍କରେ ବିଶଦ ଭାବେ ବର୍ଣ୍ଣନା କରାଯାଇଛି । ଏହି ପବିତ୍ର ପର୍ବରେ ବର୍ଣ୍ଣିତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋଜରାଜ ଏବଂ ଭୀଷ୍ମଙ୍କ ଗଙ୍ଗା ସ୍ନାନ ଯାତ୍ରା ପ୍ରସଙ୍ଗରୁ ଜଣାଯାଏ ଯେ, କାର୍ତ୍ତିକ ମାସରେ ମୃତ୍ୟୁ ବରଣ କଲେ ବୈକୁଣ୍ଠ ପ୍ରାପ୍ତି ହୁଏ। କାର୍ତ୍ତିକ ମାସ ସାରା ଆମିଷ ଭକ୍ଷଣ ନ କରି ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚ ଦିନକୁ 'ଭୀଷ୍ମ ପଞ୍ଚୁକ' ବା 'ବକ ପଞ୍ଚୁକ' କିମ୍ବା 'ମହା ପଞ୍ଚୁକ' ବୋଲି କୁହାଯାଏ। କେତେକ ବ୍ରତାଚାରୀ କାର୍ତ୍ତିକ ମାସ ସାରା ହବିଷ ପାଳନ କରୁଥିବା ବେଳେ ଆଉ କେତେକ ହବିଷ୍ୟାଳି ଅଁଳା ନବମୀଠାରୁ ସପ୍ତ ଦିବସ ବ୍ୟାପୀ ହବିଷ କରିଥାନ୍ତି। ମାତ୍ର ଆଉ କେତେକ ଅତ୍ୟନ୍ତ ନିଷ୍ଠାର ସହିତ ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ହବିଷ ପାଳିଥାନ୍ତି।

## ଶାସ୍ତ୍ରରେ କାର୍ତ୍ତିକ ବ୍ରତ ଓ ହବିଷ୍ୟାଳି ରହସ୍ୟ

'ସ୍କନ୍ଦ ପୁରାଣ', 'ନାରଦ ପୁରାଣ' ଏବଂ 'ପଦ୍ମ ପୁରାଣ'ରେ କାର୍ତ୍ତିକ ବ୍ରତର ମାହାତ୍ମ୍ୟ ଏବଂ ହବିଷ୍ୟାଳି ବ୍ରତାଚାରୀଙ୍କ ରହସ୍ୟ ବର୍ଣ୍ଣନା କରାଯାଇଅଛି। କାର୍ତ୍ତିକ ମାସରେ ଧର୍ମ କାର୍ଯ୍ୟ କରିବା ଦ୍ୱାରା ମନୁଷ୍ୟ ଉତ୍ତମ ସ୍ୱାସ୍ଥ୍ୟ, ପାରିବାରିକ ଉନ୍ନତି ସହିତ ଈଶ୍ୱର କୃପା ଲାଭ ହୋଇଥାଏ। କାର୍ତ୍ତିକ ମାସକୁ ଦାମୋଦର ମାସ କୁହାଯାଏ। ଏହି ମାସରେ ଭଗବାନ ଶ୍ରୀବିଷ୍ଣୁଙ୍କ ଆରାଧନା ଏବଂ ମହିମା ଗାନ ଦ୍ୱାରା ଅପାର କୃପା ମିଳିଥାଏ। ଏହି ମାସରେ ପ୍ରାତଃସ୍ନାନ କରିବା ଦ୍ୱାରା କୁମ୍ଭମେଳାର ପ୍ରୟାଗ ସ୍ନାନ ସମାନ ପୁଣ୍ୟ ମିଳିଥାଏ।

ହବିଷ୍ୟାଳିମାନେ ଏକ ମାସ ଧରି ବ୍ରତ ପାଳନ କରିଥାନ୍ତି। ଏହି ପବିତ୍ର ପୁଣ୍ୟ ମାସରେ ପ୍ରାତଃସ୍ନାନ ପରେ ରାଧାକୃଷ୍ଣଙ୍କୁ ତୁଳସୀ, ଅଶ୍ୱତ୍ଥ ପତ୍ର ଏବଂ ଅଁଳା ଅର୍ପଣ କରି ପୂଜାର୍ଚ୍ଚନା କରାଯାଏ। ବିଭିନ୍ନ ମନ୍ଦିର ପରିକ୍ରମା କରାଯାଏ। ଏହି କାର୍ତ୍ତିକ ମାସରେ ମାତା ଯଶୋଦା ଶ୍ରୀକୃଷ୍ଣଙ୍କୁ ନିଜ ବାତ୍ସଲ୍ୟରେ ବାନ୍ଧି ରଖିଥିଲେ। ହବିଷ ପାଳନ କରି ବ୍ରତ ପାଳନ କଲେ ଶ୍ରୀକୃଷ୍ଣଙ୍କ କୃପା ଲାଭ ମିଳିଥାଏ। ମାଆ ପୁଅଙ୍କ ସମ୍ପର୍କ ଯୁଗ ଯୁଗକୁ ରହିଥାଏ।



## ହବିଷ ଭୋଜନ

ହବିଷ ଭୋଜନ ହେଉଛି କାର୍ତ୍ତିକ ବ୍ରତର ଏକ ପୁଣ୍ୟ ଅଂଶ । ବ୍ରତାଚାରୀ ବା ହବିଷ୍ୟାଳିମାନେ ଅରୁଆ ଡାଲମା, ହବିଷ ଡାଲମା ସହିତ ଅଗସ୍ତି ଶାଗ ଖାଇଥାନ୍ତି । ଏଥି ସହିତ ଘିଅ ଅନ୍ନ ବା ମୁଗ ଖେଚୁଡ଼ି ଭୋଜନ କରିଥାନ୍ତି । ହବିଷ ଡାଲମାରେ ହଳଦୀ, ଫୁଟଣ ପଡ଼େ ନାହିଁ କି ଛୁଙ୍କ ଦିଆଯାଏ ନାହିଁ। ଡାଲମାରେ ପଡ଼ିଥାଏ ମୁଗ ଡାଲି, କଞ୍ଚା କଦଳୀ, ସାରୁ, ଓଉ, ମୂଳା, ଖମ୍ବ ଆଳୁ, ଅଦା ଏବଂ ନଡ଼ିଆକୋରା । ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଶରୀର ପକ୍ଷେ ଅମୋଘ ଔଷଧ ସଦୃଶ ହିତକାରୀ ।



## କାର୍ତ୍ତିକ ହବିଷ ରହସ୍ୟ

ହବିଷ୍ୟାଳିମାନେ କାର୍ତ୍ତିକ ମାସରେ ସମ୍ପୂର୍ଣ୍ଣ ଭାବେ ଏକାଗ୍ରତା ଅବଲମ୍ବନ କରିଥାନ୍ତି । ଏହି ମାସରେ ସେମାନେ କାହାରି ହାଣ୍ଡିରେ ଖାଦ୍ୟ ଭକ୍ଷଣ କରି ନ ଥାନ୍ତି । ସେଥିପାଇଁ ହବିଷ୍ୟାଳିମାନେ ଶ୍ରୀଜଗନ୍ନାଥ ଧାମକୁ ଚାଲିଯାଆନ୍ତି । କାର୍ତ୍ତିକ ମାସରେ ସେମାନେ ପୁରୀଠାରେ ହବିଷ୍ୟାନ୍ନ ଗ୍ରହଣ କରିଥାନ୍ତି । ହବିଷ୍ୟାଳିମାନେ ଶ୍ରୀକ୍ଷେତ୍ରର ପଞ୍ଚ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିଥାନ୍ତି । ସେହି ପଞ୍ଚ ତୀର୍ଥ ହେଉଛି - ମାର୍କଣ୍ଡେଶ୍ୱର,ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ, ନରେନ୍ଦ୍ର ଏବଂ ମହୋଦଧି । ଏହି ପଞ୍ଚ ତୀର୍ଥରେ ସ୍ନାନ କରିବା ସହିତ ଶ୍ରୀମନ୍ଦିରର ରତ୍ନବେଦୀରେ ରାଇଦାମୋଦରଙ୍କୁ ସଭକ୍ତି ପୂର୍ବକ ଦର୍ଶନ କରିଥାନ୍ତି ।

## ହବିଷ ପାଳନ

ଶର ଶଯ୍ୟା ଉପରେ ଶାୟିତ ପିତାମହ ଭୀଷ୍ମ ରାଜ ଧର୍ମ, ଦାନ ଧର୍ମ, ମୋକ୍ଷପ୍ରାପ୍ତି ଧର୍ମ ବିଷୟରେ ବର୍ଣ୍ଣନା କରିଥିଲେ । ତାହାକୁ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ପଞ୍ଚୁ ପାଣ୍ଡବ ଶ୍ରବଣ କରୁଥିଲେ । ଏଥିରେ ପ୍ରସନ୍ନ ହୋଇ ଭଗବାନ ଶ୍ରୀକୃଷ୍ଣ କହିଥିଲେ, “ହେ ଭୀଷ୍ମ ! ଆପଣ ଧନ୍ୟ । ଆପଣ ଧର୍ମର ଗୁଢ଼ ରହସ୍ୟ ବର୍ଣ୍ଣନା କରିଛନ୍ତି । ଶୁକ୍ଳ ଏକାଦଶୀ ଦିନ ଆପଣ ଜଳର ଇଚ୍ଛା କରିଛନ୍ତି । ତେଣୁ ଆପଣ ମହାନ ।” ତାପରେ ଭଗବାନଙ୍କ ନିର୍ଦ୍ଦେଶରେ ଅର୍ଜୁନ ବାଣ ଦ୍ୱାରା ଗଙ୍ଗା ଜଳ ପ୍ରସ୍ତୁତ କଲେ । ଫଳରେ ସମସ୍ତଙ୍କ ତନୁ ମନ ପ୍ରାଣ ସନ୍ତୁଷ୍ଟ ଓ ପବିତ୍ର ହେଲା । ଭଗବାନ ଶ୍ରୀକୃଷ୍ଣ କହିଲେ, “ଆଜିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚ ଦିନ ଯେଉଁମାନେ ତୁମକୁ ଜଳ ଅର୍ଘ୍ୟ ଦାନ କରିବେ ସେମାନେ ନିଃସନ୍ଦେହରେ ମୋତେ ପ୍ରାପ୍ତି ହେବେ । ଏହାର ନାମ ହେବ ଭୀଷ୍ମ ପଞ୍ଚକ । ଉଭୟ ନାରୀ ପୁରୁଷ, ଆବାଳ ବୃଦ୍ଧ ବନିତା ଏହି ବ୍ରତ ପାଳନ କରିବେ । ଯେଉଁମାନେ ନିଷ୍ଠାର ସହିତ ଏହି ବ୍ରତ ପାଳନ କରିବେ ମୁଁ ସେମାନଙ୍କ ଅଭିଷ୍ଟ ପୂରଣ କରିବି ।”





ପଞ୍ଚୁକରେ ହବିଷ ଗ୍ରହଣ ପୂର୍ବକ ବ୍ରତ ପାଳନ କଲେ ହବିଷ୍ୟାଳିମାନେ ତେତିଶ କୋଟି ଦେବତାଙ୍କ ବର ପ୍ରାପ୍ତି ହେବେ । ତେଣୁ ଏହି ହବିଷ ବ୍ରତ ବା କାର୍ତ୍ତିକ ବ୍ରତ ଦ୍ୱାପର ଯୁଗରୁ ପାରମ୍ପରିକ ବିଧି ଅନୁସାରେ ପାଳିତ ହୋଇଆସୁଛି । ହବିଷ୍ୟାଳିମାନେ ପ୍ରତ୍ୟହ ପ୍ରାତଃ ସ୍ନାନ ସାରି ଦେବ ଦର୍ଶନ ଏବଂ ନଗର ସଙ୍କୀର୍ତ୍ତନ କଲେ ସୁପ୍ତ ପ୍ରାଣ ଜାଗ୍ରତ ହୋଇଥାଏ । ତେଣୁ ବ୍ରତ ରଖିଥିବା ହବିଷ୍ୟାଳିମାନେ ପ୍ରାତଃସ୍ନାନ ପରେ ତୁଳସୀ ଚଉରା ମୂଳରେ ମୁରୁଜ ଆଙ୍କି ରାଇ ଦାମୋଦର ପୂଜାର୍ଚ୍ଚନା କରିଥାନ୍ତି । ‘ପଦ୍ମ ପୁରାଣ’ର କାର୍ତ୍ତିକ ମାହାତ୍ମ୍ୟ ଶ୍ରବଣ କରିଥାନ୍ତି । ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ପାଇଁ ଉଚ୍ଚ ସ୍ଥାନରେ ଆକାଶ ଦୀପ ପ୍ରଜ୍ୱଳନ କରାଯାଇଥାଏ ।

## ତାରା ଭୋଜନ ଓ ତାରା ସ୍ନାନର ମହତ୍ତ୍ୱ

ତାରା ଭୋଜନର ଅର୍ଥ ହେଉଛି ବ୍ରାହ୍ମ ମୁହୂର୍ତ୍ତରେ ତାରାଙ୍କ ଉପସ୍ଥିତିରେ ସ୍ନାନ କରି ସାରା ଦିନ ନିରାହାର ଉପବାସ ରହି ପୁନଃ ରାତ୍ରିରେ ଆକାଶରେ ଉଦିତ ତାରାଙ୍କୁ ଦେଖି ଭୋଜନ କରିବା । ଦିନ ସାରା ଉପବାସ ରହି ଭଗବାନ ବିଷ୍ଣୁଙ୍କର ନାମ ସ୍ମରଣ ଏବଂ ମନ୍ତ୍ର ଜପ କରିବା ହେଉଛି ଏହି ବ୍ରତର ନିୟମ । ଅନେକ ସ୍ଥାନରେ ବ୍ରତଧାରୀମାନେ ଦିବସ ବ୍ୟାପୀ ନାମ ସଙ୍କୀର୍ତ୍ତନ କରି ଭଗବାନଙ୍କ ନିକଟରେ ପ୍ରାର୍ଥନା ପୂର୍ବକ ନିଜକୁ ସମର୍ପଣ କରିଦେଇଥାନ୍ତି ।

## ହବିଷ୍ୟାଳିଙ୍କ ପ୍ରାତଃସ୍ନାନର ମହିମା

ଭାରତୀୟ ସଂସ୍କୃତିରେ ରଚନା କରାଯାଇଥିବା ବିଭିନ୍ନ ଶାସ୍ତ୍ରର ସିଦ୍ଧାନ୍ତ ଅନୁଯାୟୀ କାର୍ତ୍ତିକ ମାସରେ ସୂର୍ଯ୍ୟ ଉଦୟ ପୂର୍ବରୁ ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ କଲେ ଅକ୍ଷୟ ପୁଣ୍ୟଫଳ ପ୍ରାପ୍ତି ହୋଇଥାଏ । ଫଳରେ କୋଟି କୋଟି ରାଜସ୍ୱ ଯଜ୍ଞର ଫଳ ମିଳିବା ସହିତ ଜନ୍ମ ଜନ୍ମାନ୍ତରର ପାପ କ୍ଷୟ ହୋଇଯାଇଥାଏ ।

ଅନ୍ୟ ମାସରେ ପ୍ରାତଃ ତୀର୍ଥ ନଦୀ ବା ଯେ କୌଣସି ନଦୀରେ ସ୍ନାନ କଲେ, ଯେତିକି ପୂଣ୍ୟ ମିଳିଥାଏ ତାଠାରୁ ଅଧିକ ମିଳିଥାଏ କାର୍ତ୍ତିକ ସ୍ନାନରେ । ‘ପଦ୍ମ ପୁରାଣ’ ଅନୁସାରେ କାର୍ତ୍ତିକ ମାସରେ କରାଯାଉଥିବା ସ୍ନାନର ଫଳ ଏକ ହଜାର ଥର ଗଙ୍ଗାରେ ସ୍ନାନ କରିବା ସଙ୍ଗେ ସମାନ । ମୁନି ଋଷିଙ୍କ ମତରେ ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ଆକାଶରେ ତାରା ଥିବା ସମୟ ହେଉଛି ପବିତ୍ର ଏବଂ ଶୁଭ ସମୟ । ଏହି ପବିତ୍ର ମୁହୂର୍ତ୍ତରେ ସ୍ନାନ କଲେ ଶରୀର ନିରୋଗ ରହିବା ସହିତ ସ୍ୱଚ୍ଛ ବସ୍ତ୍ର ଧାରଣ କରି ଶୁଦ୍ଧପୂତ ହୋଇ ବୃନ୍ଦାବତୀ, ଲକ୍ଷ୍ମୀ ନାରାୟଣ ପୂଜା ପୂର୍ବକ ଦେବ ଦର୍ଶନ କଲେ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ ।

## ମାଧବ ସ୍ୱୟଂ ଶ୍ରୀଜଗନ୍ନାଥଙ୍କ ପ୍ରତୀକ

ମାଧବ ହେଉଛନ୍ତି ସ୍ୱୟଂ ଶ୍ରୀଜଗନ୍ନାଥଙ୍କର ପ୍ରତୀକ । ଏହି ସମୟରେ ଭଗବାନ ଶ୍ରୀଜଗନ୍ନାଥ ଶ୍ରୀଲକ୍ଷ୍ମୀଙ୍କ ମନ୍ଦିରକୁ ଯାଇ ସାତ ଦିନ ଅଟକି ରହିଥାନ୍ତି । ସାତ ଦିନ ରହଣି ପରେ ପୁଣି ସେ ସ୍ୱସ୍ଥାନ ରତ୍ନ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି ବୋଲି ଜଗନ୍ନାଥ ସଂସ୍କୃତିର ଗବେଷକମାନେ କହନ୍ତି । ଏହି ପଞ୍ଚୁକ ବ୍ରତ ପାଳନ ଅବସରରେ ପ୍ରାତଃ ସ୍ନାନ ସାରି ଚଉରା ମୂଳରେ ରାଇ ଦମୋଦରଙ୍କୁ ପୂଜା କରି ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ଦେବ ଦର୍ଶନ କରି ଶ୍ରୀଜଗନ୍ନାଥଙ୍କ ନାମ ସ୍ମରଣ, ମନନ, ଚିନ୍ତନ, କୀର୍ତ୍ତନ, ଶ୍ରବଣ କଲେ ପରମ ଧର୍ମ ପ୍ରାପ୍ତି ପୂର୍ବକ ବ୍ରତଧାରୀ ମୁକ୍ତି ମୋକ୍ଷ ପ୍ରାପ୍ତି ହୋଇଥାନ୍ତି ।





## ହବିଷ୍ୟାନ୍ନର ଆଧ୍ୟାତ୍ମିକ, ଆୟୁର୍ବେଦୀୟ ଏବଂ ବୈଜ୍ଞାନିକ ମତ

କାର୍ତ୍ତିକ ମାସରେ କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷ୍ୟାଳିମାନେ ପ୍ରତିଦିନ ଏକ ବକ୍ତ 'ହବିଷ୍ୟାନ୍ନ' ଗ୍ରହଣ କରିଥାନ୍ତି। ଆୟୁର୍ବେଦୀୟ ଦୃଷ୍ଟିକୋଣରୁ ଏହି 'ହବିଷ୍ୟାନ୍ନ' ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ ଏବଂ ଲାଭଦାୟକ। 'ହବିଷ୍ୟାନ୍ନ'ର ପ୍ରକୃତ ଅର୍ଥ ହେଉଛି, 'ଯଜ୍ଞ'ରୁ ଅର୍ପିତ ଅନ୍ନ ଅର୍ଥାତ୍ ଶୁଦ୍ଧ ସାତ୍ତ୍ୱିକ ଅନ୍ନ। ପ୍ରତ୍ୟେକ ଶୁଭ ମାଙ୍ଗଳିକ କର୍ମକାଣ୍ଡ ଯଥା ବ୍ରତ, ଯଜ୍ଞ ଓ ଉପବାସ ଆଦିରେ ଏହା ଗ୍ରହଣ କରାଯାଉଥିବା ଏକ ବିଶେଷ ସାତ୍ତ୍ୱିକ ଆହାର। ଏହାକୁ ଭୋଜନ କରିବା ଦ୍ୱାରା ଉଭୟ ଶରୀର ଓ ମନ ଉପରେ ଗଭୀର ଭାବେ ସକାରାତ୍ମକ ପ୍ରଭାବ ପକାଇଥାଏ। ଆତ୍ମା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ କରିବା ସହଜ ହୋଇଥାଏ।

ଓଡ଼ିଶାର ପୁରପଲ୍ଲୀରେ କାର୍ତ୍ତିକ ମାସରେ ଏହି 'ହବିଷ୍ୟାନ୍ନ'ର ବହୁଳ ଉପଯୋଗ ହୋଇଥାଏ। ଏଥିରେ ବ୍ରତଚାରୀମାନେ ସାଧାରଣତଃ ସୂର୍ଯ୍ୟାସ୍ତ ପୂର୍ବରୁ ଗୋଟିଏ ଥର ବା 'ବେଳିକିଆ' ବା 'ନକ୍ତ ଭୋଜନ' ଭାବରେ ଏହି ହବିଷ୍ୟାନ୍ନକୁ ଭାବ ଓ ଭକ୍ତିର ସହିତ ଗ୍ରହଣ କରିଥାନ୍ତି। ଏହି ଭୋଜନ ସେମାନଙ୍କୁ ସଂପୂର୍ଣ୍ଣ ଦିନକ ପାଇଁ ଆବଶ୍ୟକୀୟ ଶାରୀରିକ ଶକ୍ତି ଓ ପୁଷ୍ଟି ଯୋଗାଇଥାଏ। ଏଥିରେ ଘିଅ ସହିତ ଅରୁଆ ଅନ୍ନ, ହବିଷ ଡାଲମା, ଗଇଁଠା ଏବଂ ଅଗସ୍ତି ଶାଗ ଅନ୍ତର୍ଭୁକ୍ତ।

ଆମ ପୁରାଣ ଶାସ୍ତ୍ର ବିଚାର, ବିଜ୍ଞାନ ଗବେଷଣା ଏବଂ ଆୟୁର୍ବେଦ ମତ ଅନୁସାରେ ଅରୁଆ ଅନ୍ନ ହେଉଛି ମଧୁର ରସ, ସାତ୍ତ୍ୱିକ ଗୁଣ, ସକାରାତ୍ମକ ପ୍ରଭାବ, ମଧୁର ବିପାକ ଓ ଶୀତବୀର୍ଯ୍ୟ ଯୁକ୍ତ। ଏହା ବଳ ଓ ପୁଷ୍ଟି ପ୍ରଦାୟକ ତଥା ବାତ ଓ ପିତ୍ତନାଶକ ଅଟେ। ଏହା ସାତ୍ତ୍ୱିକ ଗୁଣଯୁକ୍ତ ହୋଇଥିବାରୁ ବ୍ରତାଚାରୀଙ୍କ ନିମନ୍ତେ ଏକ ଉତ୍ତମ ସୁଷମ ଖାଦ୍ୟ। ଶ୍ୱେତସାର ଅଧିକ ଥିବାରୁ ଏହା ଶରୀରକୁ ପ୍ରଚୁର ପରିମାଣରେ ଶକ୍ତି ଯୋଗାଇଥାଏ।

'ହବିଷ୍ୟାନ୍ନ' ଭାବରେ ବ୍ୟବହୃତ ଗଇଁଠା ବିଶେଷ ଭାବେ ଚାଉଳ ଚୂନା, ନଡ଼ିଆ ଓ ଚିନିରୁ ପ୍ରସ୍ତୁତ ହୋଇଥାଏ। ଏହା ଶରୀରକୁ ପ୍ରଚୁର ପରିମାଣରେ ଶକ୍ତି ଯୋଗାଇଥାଏ। ଅପରନ୍ତୁ 'ହବିଷ୍ୟାନ୍ନ'ରେ ଶାଗ ରୂପେ ଅଗସ୍ତି ଗଛର ପତ୍ର ବ୍ୟବହୃତ ହୋଇଥାଏ। ଏହା ତିକ୍ତ-ରସଯୁକ୍ତ, ଅଗ୍ନିବର୍ଦ୍ଧକ ଏବଂ କଫ ଓ ପିତ୍ତ ନିବାରକ। ଏହା ତୃଷ୍ଣା, ଶ୍ୱାସ, ଦାହ ଓ ଅମ୍ଳପିତ୍ତ ପାଇଁ ଅତ୍ୟନ୍ତ ହିତକାରୀ ହୋଇଥାଏ। ଏଥିରେ ଜୀବସାର-'ଗ' ସହିତ ଅନ୍ୟାନ୍ୟ ଜୀବସାର, ଖଣିଜ ଲବଣ ଓ ଅଳ୍ପ ପରିମାଣର ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର ଆଦି ରହିଥିବାରୁ ଏହା ଏକ ଉତ୍ତମ ପୋଷଣକାରୀ ଖାଦ୍ୟ ଅଟେ।

ବର୍ଷା ଋତୁ ପରେ ଆକାଶ ସଫା ରହିଥାଏ। ସୂର୍ଯ୍ୟଙ୍କ କିରଣ ସିଧା ସଳଖ ପୃଥିବୀପୃଷ୍ଠରେ ପଡ଼ିଥାଏ। ଏହା ଦ୍ୱାରା ବାତାବରଣ ସ୍ୱାସ୍ଥ୍ୟ ଅନୁକୂଳ ରହିଥାଏ। ନଦୀ ପୁଷ୍କରିଣୀରେ ପ୍ରାତଃସ୍ନାନ କରିବା ପରେ ସ୍ୱଚ୍ଛ ଏବଂ ଶୀତଳ ବାୟୁ ଗ୍ରହଣ କରିବା ଦ୍ୱାରା ସ୍ୱାସ୍ଥ୍ୟ ଅନୁକୂଳ ହୋଇଥାଏ। ଫଳରେ ଶାରୀରିକ ରୋଗ ଆପେ ଆପେ ପତନ ହୋଇଥାଏ।

ଆୟୁର୍ବେଦୀୟ ଗୁଣ ତଥା ବିଜ୍ଞାନ ଦୃଷ୍ଟିକୋଣରୁ 'ହବିଷ ଡାଲମା'ରେ ରହିଛି ଅନେକ ଔଷଧୀୟ ଗୁଣ। ଏହାର ମୁଖ୍ୟ ଉପାଦାନ ମୁଗଡାଲି, କଞ୍ଚାକଦଳୀ, ସାରୁ ଏବଂ ଓଉ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷରେ କଞ୍ଚା ମୁଗଡ଼ାଲି ହେଉଛି ଅନ୍ୟାନ୍ୟ ଡାଲିଜାତୀୟ ପଦାର୍ଥ ମଧ୍ୟରେ ଶ୍ରେଷ୍ଠ। ଏହା ହାଲୁକା ହୋଇଥିବାରୁ ସହଜରେ ହଜମ ହୁଏ। ଏହା ଶରୀରକୁ ଶକ୍ତି, ବଳ ଦେଇଥାଏ। କଞ୍ଚା କଦଳୀ ହେଉଛି କଷାୟ ରସ ଯୁକ୍ତ ପରିବା, ଏଥିରେ ପ୍ରଚୁର ପରିମାଣରେ ଲୌହ, ଖାଦ୍ୟସାର ଓ ଖଣିଜ ତତ୍ତ୍ୱ ଭରପୂର ହୋଇ ରହିଛି। ଏହା ବିଶେଷ କରି ହେମନ୍ତ ଋତୁରେ ପ୍ରଚୁର ପରିମାଣରେ ମିଳିଥାଏ। ସାରୁ ହବିଷ ଡାଲମାର ଅନ୍ୟ ଏକ ପ୍ରମୁଖ ଉପାଦାନ। ଔଷଧୀୟ ଗୁଣ ଦୃଷ୍ଟିରୁ ଏହା ଆନ୍ତ୍ରିକ ରକ୍ତସ୍ରାବର ନିରୋଧକ ଭାବେ କାର୍ଯ୍ୟ କରିଥାଏ। ଓଉ ହବିଷ ଡାଲମାର ଅନ୍ୟ ଏକ ମୂଲ୍ୟବାନ ଉପାଦାନ। ଏହାର ଔଷଧୀୟ ଗୁଣ ହେଉଛି ଏହା ହଜମକାରକ ଏବଂ ବାୟୁ ରୋଗନାଶକ। ଅଗସ୍ତି ଶାଗ ହବିଷ ଡାଲମାର ଅନ୍ୟ ଏକ ମୂଲ୍ୟବାନ ଉପାଦାନ। ଏହାକୁ ଅଗସ୍ତିମୁନିଙ୍କର ପ୍ରସାଦ ବା ଆଶୀର୍ବାଦ ରୂପେ ବିବେଚନା କରାଯାଏ। ହେମନ୍ତ ଋତୁରେ ଅଗସ୍ତି ନକ୍ଷତ୍ରର ପ୍ରଭାବ ପୃଥିବୀ ଉପରେ ଥିବାରୁ ଏହା ଶୀତଳ, କୋମଳ ଓ ସୌମ୍ୟରସ ଯୁକ୍ତ ଅଟେ। ଏହା ବିଶେଷ ଭାବେ କଫ ନିରୋଧ, କାଶ ବିନାଶକ ଏବଂ ମେଧା ବର୍ଦ୍ଧକ ଅଟେ। ଆହୁରି ଏହା ମଧ୍ୟ ପାଚନ ବା ହଜମ ଶକ୍ତି କାରକ ଏବଂ ଦୃଷ୍ଟି ଶକ୍ତି ବର୍ଦ୍ଧନ ଭାବେ କାର୍ଯ୍ୟ କରିଥାଏ। ହବିଷ ଡାଲମାରେ କୋରା ନଡ଼ିଆ ଅନ୍ୟ ଏକ ପ୍ରମୁଖ ଉପାଦାନ। ଏହା ଧର୍ମ ଭାବ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଆହୁରି ଏହା 'ଅଣବଘରା' ହବିଷ ଡାଲମାରେ ପ୍ରାକୃତିକ ତୈଳର ଉପାଦାନ ଭାବେ ପ୍ରମୁଖ ଭୂମିକା ନେଇଥାଏ। ହବିଷ ଡାଲମାରେ ପଡୁଥିବା ଅଦାର ଉପଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ କଟୁ ରସ ଯୁକ୍ତ ହୋଇଥିବାରୁ ଏହା ପାଚନକାରକ ହୋଇଥାଏ।

କାର୍ତ୍ତିକ ବ୍ରତରେ ପ୍ରତିଦିନ ବ୍ରତାଚାରୀମାନେ ବେଳିକିଆ ହବିଷ୍ୟ ଭୋଜନ ଗ୍ରହଣ କରିଥାନ୍ତି। ତାହା ଯୋଗୁଁ ଶରୀରର ପିତ୍ତ ଅଂଶ ବୃଦ୍ଧିକୁ ହ୍ରାସ କରିଥାଏ। ଆହୁରି ମଧ୍ୟ ପିତ୍ତ ଅଂଶ ନ ବଢ଼ିବା ପାଇଁ ଏଥିରେ ହଳଦିର ବ୍ୟବହାର ହୋଇ ନ ଥାଏ। ହବିଷ ଡାଲମା ଅଣବଘରା ହୋଇଥାଏ। ଏହା ଫଳରେ ଶରୀରର ସମସ୍ତ ପ୍ରକାର ମାରାତ୍ମକ ଜୀବାଣୁମାନଙ୍କୁ ବିନାଶ କରିଥାଏ। ଏଣୁ ଶରତ ଋତୁରେ ଭୋଜନ କରାଯାଉଥିବା ହବିଷ ଅନ୍ନ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

### ଶ୍ରୀକ୍ଷେତ୍ରରେ ହବିଷ୍ୟାଳି

କାର୍ତ୍ତିକ ବ୍ରତକୁ ହବିଷ୍ୟାଳିମାନେ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରିଥାନ୍ତି। ଏଥିପାଇଁ ଚଳଚଞ୍ଚଳ ହୋଇଉଠେ ଶ୍ରୀକ୍ଷେତ୍ର। ହବିଷ୍ୟାଳିମାନେ ମାସକ ଯାକ ଶାକାହାରୀ ରହି କେବଳ ଗୋଟିଏ ଓଳି ହବିଷ ଅନ୍ନ ବା ନକ୍ତ ଭୋଜନ କରିଥାନ୍ତି। ସେମାନଙ୍କ ପାଇଁ ହବିଷ ଡାଲମା ଏବଂ ଅରୁଆ ଅନ୍ନ ସାଙ୍ଗକୁ ମୁଗ ଖେଚୁଡ଼ି ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ।

ଶ୍ରୀକ୍ଷେତ୍ରରେ ରହିଥିବା ହବିଷ୍ୟାଳିମାନେ ବିଭିନ୍ନ ପୁଷ୍କରିଣୀରେ ପ୍ରାତଃ ସ୍ନାନ ସାରି ତୁଳସୀ ଚଉରା ମୂଳରେ 'ରାଇ ଦାମୋଦର' ପୂଜାର୍ଚ୍ଚନା କରିଥାନ୍ତି। ତାପରେ ଶ୍ରୀକ୍ଷେତ୍ରର ବିଭିନ୍ନ ଦିଅଁ ଦେବତା ଦର୍ଶନ କରିଥାଆନ୍ତି। ଏକାନ୍ତ ଭକ୍ତି ନିଷ୍ଠା ଏକାଗ୍ରତାର ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ ମହାପ୍ରସାଦ ସେବନ କରିଥାନ୍ତି। ଘଣ୍ଟ ଘଣ୍ଟାର ତାଳେ ତାଳେ ଭାବ ଭକ୍ତିପୂର୍ଣ୍ଣ ସଙ୍ଗୀତର ମୂର୍ଚ୍ଛନାରେ ପରିବେଶ ଅତ୍ୟନ୍ତ ଭାବାବେଗ ହୋଇଉଠେ। ଏହି ସମୟରେ ବୈକୁଣ୍ଠାଧିପତି ଶ୍ରୀଜଗନ୍ନାଥଙ୍କୁ ଆରାଧନା କଲେ ବୈକୁଣ୍ଠ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ।

### ହବିଷ୍ୟାଳିମାନେ କ'ଣ କରିବା ଉଚିତ୍

**କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷ୍ୟାଳିମାନେ ବିଶେଷ ଭାବେ କେତେକ ଦିଗ ପ୍ରତି ଗୁରୁତ୍ୱ ଦେବା ଉଚିତ୍।**

- ଦାନ ଧର୍ମ କରିବା। ହବିଷ୍ୟାଳିମାନେ ଏହି ସମୟରେ ଚାଉଳ ଦାନ କଲେ ଚନ୍ଦ୍ର ଦୋଷରୁ ମୁକ୍ତି ମିଳିଥାଏ।
- ତୁଳସୀ ଚଉରା ପୂଜା କରିବା। ତୁଳସୀ ହେଉଛି ଶ୍ରୀବିଷ୍ଣୁଙ୍କର ଅତ୍ୟନ୍ତ ପ୍ରିୟ। ତୁଳସୀ ପୂଜା କରିବା ଦ୍ୱାରା ଲକ୍ଷ୍ମୀ ନାରାୟଣଙ୍କ କୃପା ମିଳିଥାଏ।
- ଶିବ ପୂଜା କରିବା। ଏକାନ୍ତ ଭକ୍ତିର ସହିତ ଶିବ ଲିଙ୍ଗ ପୂଜା କଲେ ଶିବ କୃପା ମିଳିଥାଏ।
- ବିଷ୍ଣୁ ପୂଜା କରିବା। ନିଷ୍ଠାର ସହିତ ହବିଷ୍ୟାଳିମାନେ ବିଷ୍ଣୁ ପୂଜା କଲେ ମୁକ୍ତି ମୋକ୍ଷ ପ୍ରାପ୍ତି ହୋଇଥାଏ।
- ବାଲୁକା ପୂଜା କରିବା। ବିଧି ଅନୁସାରେ ବାଲୁକା ପୂଜା କଲେ ସନ୍ତାନର ଆୟୁ ବୃଦ୍ଧି ହେବା ସହିତ ଅପୁତ୍ରୀ ପୁତ୍ରବତୀ ହୋଇଥାଏ।
- ଗୃହର ମୁଖ୍ୟ ଦ୍ୱାର ପୂଜା କରିବା। ଘରର ମୁଖ୍ୟ ଦ୍ୱାରରେ ଆମ୍ବ ପତ୍ର ଟଙ୍ଗାଇ ସ୍ୱସ୍ତିକ ଚିହ୍ନ ଆଙ୍କି ସିନ୍ଦୂର ଲଗାଇ ପୂଜା କଲେ ବର୍ଷସାରା ଅତ୍ୟନ୍ତ ସୁଖ ଶାନ୍ତିରେ କଟିଥାଏ।
- ଭୂମିରେ ଶୟନ କରିବା। ଭୂମି ଉପରେ ଶୟନ କଲେ ସାତ୍ତ୍ୱିକ ଭାବ ଜାଗ୍ରତ ହୋଇଥାଏ।
- ଆମିଷ ଭୋଜନ ସମ୍ପୂର୍ଣ୍ଣ ନିଷେଧ କରିବା। ଫଳରେ ଐଶ୍ୱରିକ ଭାବନା ଜାଗ୍ରତ ହୋଇଥାଏ।
- ଜହ୍ନି, ବାଇଗଣ, କଳରା, ପୋଟଳ, ପୋଇ, ମସୁର ଡାଲି, ଛତୁ, ଲାଉ, ପାଣି କଖାରୁ ଖାଇବା ଅନୁଚିତ। ଏହା ଦ୍ୱାରା ଶତ୍ରୁ ଦମନ ହୋଇଥାଏ। ମାନସିକ ଶାନ୍ତି ମିଳିଥାଏ।



### ଧର୍ମ ମାସ କାର୍ତ୍ତିକ



କାର୍ତ୍ତିକ ମାସର ପ୍ରଥମ ପନ୍ଦର ରାତ୍ରି ବର୍ଷର ସବୁଠୁ କଳା ରାତ୍ରି। ତେଣୁ ରାତ୍ରିରେ ଦୀପ ପ୍ରଜ୍ୱଳନ କରିବା ଦ୍ୱାରା ମାଆ ଲକ୍ଷ୍ମୀ ଠାକୁରାଣୀ ଏବଂ ଭଗବାନ ଶ୍ରୀବିଷ୍ଣୁଙ୍କ କୃପା ମିଳିବା ସହିତ ଜୀବନରୁ ସମସ୍ତ ପ୍ରକାର ଅନ୍ଧକାର ଦୂର ହୋଇଥାଏ। ଏହି ସମୟରେ ମାଆ ଲକ୍ଷ୍ମୀ ଠାକୁରାଣୀ ପୃଥିବୀ ପୃଷ୍ଠରେ ଭ୍ରମଣ କରିଥାନ୍ତି। ଯାହା ଘରେ ଦୀପ ପ୍ରଜ୍ୱଳନ କରାଯାଇଥାଏ ମାଆ ସେ ଗୃହକୁ ଆଗମନ କରିଥାନ୍ତି। ଫଳରେ ପରିବାରର ସର୍ବବିଧ ମଙ୍ଗଳ ହୋଇଥାଏ। ■

ଓଡ଼ିଆ ଭାଷା ସାହିତ୍ୟ ଗବେଷକ, ଭଦ୍ରକ, ଓଡ଼ିଶା
ମୋ: ୮୭୬୩୫୪୭୨୦୨, ୬୩୭୨୨୫୨୬୬୨

# ଶ୍ରୀଜଗନ୍ନାଥ ସଂସ୍କୃତିରେ ହବିଷ୍ୟ ପରମ୍ପରା






ଡକ୍ଟର ଅଭିମନ୍ୟୁ ବରାଳ

ଶ୍ରୀଜଗନ୍ନାଥ ସଂସ୍କୃତି ଏକ ବିଶ୍ୱ ବିଖ୍ୟାତ ସଂସ୍କୃତି । ସମଗ୍ର ବିଶ୍ୱରେ ଏହି ସଂସ୍କୃତିର ପଟ୍ଟାନ୍ତର ନାହିଁ । ଏଠାରେ ବାର ମାସରେ ତେର ଯାତ୍ରା ଲାଗି ରହିଥାଏ । ତେଣୁ କଥିତ ଅଛି:-

"ଯେତେ ଦିନ ରହିଥିବେ ପ୍ରଭୁ ଜଗନ୍ନାଥ
ବାରମାସୀ ଷୋଳଘଡ଼ି ଲାଗିଥିବ ଯାତ ।"



## ପୁଣ୍ୟ ମାସ କାର୍ତ୍ତିକ

ମହାକାର୍ତ୍ତିକ ମାସ ଏକ ଧର୍ମ ମାସ ବା ପୁଣ୍ୟ ମାସ । ଏହି ମାସରେ ପୁଣ୍ୟାର୍ଜନ କରିବା ପାଇଁ ଲୋକମାନେ ବିଭିନ୍ନ ବ୍ରତ, ଧର୍ମ କାର୍ଯ୍ୟରେ ଲିପ୍ତ ରହନ୍ତି । କାର୍ତ୍ତିକରେ ସ୍ତ୍ରୀ ଲୋକମାନେ ରାଇ ଦାମୋଦର ବ୍ରତ ପାଳନ କରନ୍ତି । ରାଇ ଦାମୋଦର ବ୍ରତର ନିୟମାନୁସାରେ ଦିନକୁ ମାତ୍ର ଗୋଟିଏ ଥର ହବିଷାନ୍ନ ଭୋଜନ କରିବାକୁ ପଡ଼ିଥାଏ । ତାହା ସଂପୂର୍ଣ୍ଣ ଭାବରେ ସାତ୍ତ୍ୱିକ ଭୋଜନ । ସନ୍ଧ୍ୟା ହେଉ ବା ମଧ୍ୟାହ୍ନ ଭୋଜନ ସମୟରେ ହେଉ ମାତ୍ର ଗୋଟିଏ ଥର ହବିଷାନ୍ନ ଭୋଜନ କରିବାକୁ ହୁଏ । ଭାଗବତର ଦଶମ ସ୍କନ୍ଧରେ ବର୍ଣ୍ଣିତ ଅଛି, ବ୍ରଜାଙ୍ଗନାମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ ହେବା ପାଇଁ କାତ୍ୟାୟନୀ ବ୍ରତ କରିଥିଲେ ଏହି କାର୍ତ୍ତିକ ମାସରେ । ଏହି ବ୍ରତ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରାଯାଏ । ଏଥିରେ ସବୁ କିଛି ତ୍ୟାଗ କରିବାକୁ ପଡ଼ିଥାଏ । ସ୍ୱାମୀ,ପୁତ୍ର ଘର ଦ୍ୱାର ସବୁ ବ୍ରଜ ସୁନ୍ଦରୀମାନେ ତ୍ୟାଗ କରିଦେଇଥିଲେ ମଧ୍ୟ ସେମାନେ ଲଜ୍ଜାକୁ ତ୍ୟାଗ କରିଛନ୍ତି କି ନାହିଁ, ତାହା ଜାଣିବାକୁ ପ୍ରଭୁ ବ୍ରଜେନ୍ଦ୍ର ନନ୍ଦନ ବସ୍ତ୍ର ହରଣ ଲୀଳା ଦ୍ୱାରା ଗୋପୀଙ୍କର ଶୁଦ୍ଧତାକୁ ପରୀକ୍ଷା କରିଥିଲେ ଏବଂ ଗୋପ ସୁନ୍ଦରୀମାନଙ୍କ ପ୍ରତି ସନ୍ତୁଷ୍ଟ ହୋଇଥିଲେ । ଭାଗବତରେ କୁହାଯାଇଛି:-

"ଗୋବିନ୍ଦ ବିଚାରନ୍ତି ମନେ । ଆଜ ରମିବା ବୃନ୍ଦାବନେ ॥
ଷୋଳ ସହସ୍ର ବ୍ରଜନାରୀ । ମୋତେ ବରୀଲେ ତପକରି ॥
ମୁଁ ତାଙ୍କ ପୂରାଇବି ଆଶ । ସେ ମୋର ପରମ ବିଶ୍ୱାସ ॥"

(୧୦ମ ସ୍କନ୍ଧ- ରାସଲୀଳା)

ବ୍ରଜ ଜବାଧାରୀ ଗୋପୀମାନେ ଶ୍ରୀକୃଷ୍ଣଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ତେଣୁ ଗୋପୀମାନେ ସମସ୍ତଙ୍କର ପୂଜ୍ୟା । ସେଥିପାଇଁ ଭକ୍ତମାନେ କାମନା କରିଥାନ୍ତି –

"ସେ ବ୍ରଜ ନାରୀଙ୍କ ପୟରେ
ମନ ମୋ ଥାଉ ନିରନ୍ତରେ ।"

## ସଂଯମତା ଆବଶ୍ୟକ

ହବିଷ୍ୟ ବ୍ରତରେ ଆହାର ସଂଯମତା ସଂପୂର୍ଣ୍ଣ ରକ୍ଷା କରାଯାଏ । ବନ୍ତଳ, କଦଳୀ, ସାରୁ, ମୁଗ ଡାଲି ବ୍ୟତୀତ ଅନ୍ୟ କୌଣସି ଡାଲି ଓ ପରିବା ଗ୍ରହଣ କରାଯାଏ ନାହିଁ । ପିଆଜ, ରସୁଣ ଓ ମସଲା ସଂପୂର୍ଣ୍ଣ ବର୍ଜନ କରିବାକୁ ହୁଏ । ହବିଷ ତରକାରିରେ ତେଲ ବା ହଳଦୀ ପଡ଼େ ନାହିଁ । କେବଳ ମାତ୍ର ଶୁଦ୍ଧ ଗୁଆ ଘିଅରେ ଟିକେ ଛୁଙ୍କ କରାଯାଏ । ଅନ୍ନରେ ଟିକେ ଘିଅ ପଡ଼େ । କାରଣ 'ଘୃତହୀନକୁ ଭୋଜନ' ବୋଲି ବିଚାର କରାଯାଏ । ହବି + ଇଷ = ହବିଷ୍ୟ ବୋଲି କେହି କେହି କହିଥାନ୍ତି । ତେଣୁ ଘିଅ ଭୋଜନରେ ପକା ଯାଏ । ତେବେ ହବିଷ୍ୟରେ କ'ଣ ଭୋଜନ କରିବାକୁ ହେବ ତା'ର ଏକ ତାଲିକା ଶାସ୍ତ୍ରଗୁଡ଼ିକରେ ପ୍ରଦାନ କରାଯାଇଛି । ଯଥା:-

"ଅଦାସାରୁ ବନ୍ତଳ କଦଳୀ କଳାମୁଗ
ଅଁୟଳା ୱାଉ ତେନ୍ତୁଳି ସୁକୋଶଳା ଶାଗ
ଅନୁ ଆନେ କଲେ ଲୋଡ଼ା
ଅଗସ୍ତି କୁସୁମ ଶାଗ ଅଶୁଣ ଖରଡ଼ା ।"


(ଅମ୍ବିକା ବିଳାସ,୩୧/୮)

ଶାଗ ଭାବରେ ଅଗସ୍ତି ଶାଗକୁ ହବିଷ୍ୟାଳିମାନେ ଗ୍ରହଣ କରିପାରିବେ । ଏହି ବ୍ରତ ନିଷ୍ଠାର ସହିତ ଗୋଟିଏ ମାସ ପାଳନ କରିବାକୁ ହୁଏ ।

ନିଜର କଲ୍ୟାଣ କାମନା କରି ଭକ୍ତମାନେ ଦେବତାଙ୍କ ସମ୍ମୁଖରେ ଅଖଣ୍ଡ ଦୀପ ଜାଳନ୍ତି । କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଯଥାର୍ଥରେ କହିଛନ୍ତି - " ରସିକ ବିଚାର କରେ ଦୀପ ଦାନ କାର୍ତ୍ତିକରେ" ଇତ୍ୟାଦି । କେହି କେହି ତୁଳସୀ ଠାକୁରଙ୍କ ଶିରରେ ଚଢ଼ାନ୍ତି । ଏହି ମାସରେ ନୂଆ ଧାନ



## ହବିଷ୍ୟ ବ୍ରତଧାରୀ



ବିଶେଷତଃ ପୁରୀ ଓ ଗଞ୍ଜାମ ଜିଲ୍ଲାର ମଧ୍ୟ ବୟସ୍କା ମହିଳାମାନେ ଏହି ହବିଷ୍ୟ ବ୍ରତ ବା ରାଇ ମୋହନ ବ୍ରତ ପାଳନ କରନ୍ତି । ଅନ୍ୟ ସବୁ ଜିଲ୍ଲାରେ ଏହି ବ୍ରତର ପ୍ରଭାବ ବିଶେଷ ଭାବରେ ନାହିଁ । କାଁ ଭା କେଉଁଠି କେମିତି ଅଳ୍ପ ସଂଖ୍ୟକ ମହିଳାମାନେ ଏହି ବ୍ରତ କରିଥାନ୍ତି । ଅନେକ ବୟସ୍କ ପୁରୁଷମାନେ ମଧ୍ୟ ଏହି ବ୍ରତ କରିବାର ଦେଖାଯାଏ । କିନ୍ତୁ ସେମାନଙ୍କର ସଂଖ୍ୟା ଅତି ନଗଣ୍ୟ । କେହି କେହି ସ୍ୱଗ୍ରାମରେ ରହି ଏହି ବ୍ରତ ପାଳନ କରନ୍ତି । କେହି କେହି ଶ୍ରୀକ୍ଷେତ୍ର ଧାମକୁ ଆସି ମାସକ ଯାକ ରହି ବ୍ରତ ପାଳନ କରିବାର ଦେଖାଯାଏ ।

ପ୍ରତ୍ୟହ ମହିଳାମାନେ ସୂର୍ଯ୍ୟୋଦୟରୁ ସ୍ନାନ ଶେଷ କରି ସରୋବର ଘାଟରେ ବାଲୁକା ପୂଜା ବା ମୃର୍ତ୍ତିକା ଶଙ୍କର ପୂଜାକରନ୍ତି । ତା'ପରେ ସ୍ୱଗୃହକୁ ଆସି ଶୁଷ୍କ ବସ୍ତ୍ର ପରିଧାନ ପୂର୍ବକ ଚଉରା ମୂଳେ ବସି ମାତା ବୃନ୍ଦାବତୀଙ୍କ ଆରାଧନା ଓ ଚଉରା ପୂଜା କରନ୍ତି । ଏହାପରେ କାର୍ତ୍ତିକ ମାହାତ୍ମ୍ୟ ଶ୍ରବଣ କରନ୍ତି । ସନ୍ଧ୍ୟା ସମୟରେ ଶ୍ରୀମଦ୍ଭାଗବତ ପୁରାଣ ପଣ୍ଡା ପାଠ କରନ୍ତି ଓ ହବିଷ୍ୟାଳିମାନେ ତାହା ଭକ୍ତି ଓ ଶ୍ରଦ୍ଧାରେ ଶ୍ରବଣ କରନ୍ତି । ଯଥାର୍ଥରେ ବ୍ରଜନାଥ ବଡ଼ଜେନା କହିଛନ୍ତି :-

"ଅରୁଣୋଦୟରୁ ସ୍ନାନ ସାରି ସାଧୁ ଜନେ
ଅନ୍ନାହାର ଚାନ୍ଦ୍ରାୟଣ ହବିଷ୍ୟ-ବିଧାନେ
ଅତିଧୃତ ବ୍ରତ ଭଜି
ଅବ୍‌ଜ ସ୍ଥାନେ ମୃର୍ତ୍ତିକା ଶଙ୍କର ମାନ ପୂଜି ।"

(ଅମ୍ବିକା ବିଳାସ, ୩୧/୫)



ହୋଇଯାଏ। ସେହି ଧାନରେ ନୂଆ ଚୁଡ଼ା ମଧ ଠାକୁରଙ୍କୁ ଭୋଗ ପ୍ରଦାନ କରାଯାଏ। ବିତ୍ତଶାଳୀ ବ୍ୟକ୍ତିମାନେ ଶ୍ରୀମନ୍ଦିରର ଅବଢ଼ା ଖଟଣୀ କରି ନିଜ ଘରକୁ ଆଣି ସମସ୍ତେ

"ଅନନ୍ତ ଦୀପ ଜଳାନ୍ତି ଦେବତାଙ୍କ ଆଗେ
ଅୟୁତ ଲକ୍ଷ ତୁଳସୀ ଚଢ଼ାନ୍ତି ଶ୍ରୀଅଙ୍ଗେ
ଅନ୍ନ ନୂଆ ଚୁଡ଼ାମାନ
ଅବଢ଼ା ଖଟଣୀ କଲେ ଭାଗ୍ୟବନ୍ତ ଜନ ।"

(ଅମ୍ବିକା ବିଳାସ, ୩୧/୭)

ରାଇ ଦାମୋଦର ବ୍ରତଟି ଆନଗର ଜନପଦ ସର୍ବବତ୍ର ପାଳିତ ହୋଇଥାଏ। ସନ୍ଧ୍ୟା ସମୟରେ ହବିଷ୍ୟାଳିମାନେ ସନ୍ଧ୍ୟା ଦୀପ ଚଉରା ମୂଳେ ଦେଇ ସାରିବା ପରେ ସେଠାରେ ଆକାଶ ଦୀପ ପ୍ରଜ୍ଜ୍ୱଳିତ କରନ୍ତି। ଏହି ଆକାଶ ଦୀପ ବିଶେଷତଃ କାର୍ତ୍ତିକ ମାସରେ ଚଉରା ମୂଳେ ଏକ ଉଚ୍ଚ ବାଉଁଶରେ ରନ୍ଧ୍ରଯୁକ୍ତ ଆଟିକାରେ ଦୀପ ଜାଳି ଉପରକୁ ରସିରେ ଟେକି ଦିଆଯାଏ।

ମହାକାର୍ତ୍ତିକ ମାସରେ ହବିଷ୍ୟ ବ୍ରତକୁ ବେଶ୍ ନିଷ୍ଠାର ସହିତ ପାଳନ କରାଯାଏ। ଏହି ବ୍ରତଧାରୀ ହବିଷ୍ୟାଳୀମାନେ ଅତ୍ୟନ୍ତ ପବିତ୍ରତାର ସହିତ ମାସଟି ଅତିବାହିତ କରିଥାନ୍ତି। ଏଥିପାଇଁ କବି କହିଛନ୍ତି –

"ଅୟଁଳା ତୁଳସୀ ସେବା ପରମ୍ପରା କ୍ରମେ
ଅମେଧ ଆହାର-ମାନ ଛାଡ଼ିଲେ ସଂଯମେ
ଅଙ୍ଗନାଏ ତୋଷଭର
ଅତି ଉତ୍ସବେ ପୂଜନ୍ତି ରାଇ-ଦାମୋଦର ।"

(ଅମ୍ବିକା ବିଳାସ, ୩୧/୬)



## ଶ୍ରୀଜଗନ୍ନାଥ କୈନ୍ଦ୍ରିକ ବ୍ରତ

ହବିଷ୍ୟାଳିମାନେ ବ୍ରତ ପାଳନ ସମୟରେ ଖାଦ୍ୟ, ପେୟ, ଆହାର-ବିହାର-ସର୍ବତ୍ର ସଂଯମ ରକ୍ଷା କରିଥାନ୍ତି। ଏହି ବ୍ରତରେ ତୁଳସୀ ଚଉରା ପୂଜା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତୁଳସୀ ଚଉରା ମୂଳରେ ମୁରୁଜରେ ଜଗନ୍ନାଥ, ବଳଭଦ୍ର ଏବଂ ମାତା ସୁଭଦ୍ରାଙ୍କ ଚିତ୍ର ଆଙ୍କି ତା'ଉପରେ ଭୋଗ କରାଯାଏ। ଏ ବ୍ରତଟି ସଂପୂର୍ଣ୍ଣ ଭାବରେ ଶ୍ରୀଜଗନ୍ନାଥ କୈନ୍ଦ୍ରିକ। ଜଳଖିଆ, ଅନ୍ନ ଯାହା ଭୋଜନ କଲେ ମଧ ତହିଁରେ ତୁଳସୀ ପତ୍ରଟିଏ ପକାଯାଏ। ଫଳରେ ତାହା ପ୍ରସାଦ ହୋଇଯାଏ। ତୁଳସୀ ହେଉଛି ଅତି ପବିତ୍ର ଗଛ। ଶାସ୍ତ୍ରରେ ଅଛି :-

ମୂଳେ ତୋର ଗଙ୍ଗଳ, ଡାଳେ ତୋର ବିଷ୍ଣୁ
ପତ୍ରେ ଦେବତାଙ୍କ ବାସ,
ତୋ ପତ୍ର ପଡ଼ିଲେ ମଣୋହି ହୁଅଇ
ଭଣଇଁ ଗୋଲକ ଦାସ,
ମାତ ତୁଳସା ଦେବୀ, ଅଟୁ ଶ୍ରୀକୃଷ୍ଣ ପ୍ରାଣ ବଲ୍ଲରୀ ।"

ସନ୍ଧ୍ୟା ସମୟରେ ସନ୍ଧ୍ୟା ଦୀପ ଦେଇ ସାରିବା ରେ ହବିଷ୍ୟାଳିମାନେ କହିଥାନ୍ତି :-

"ସନ୍ଧ୍ୟା ଦୀପ ପରଂବ୍ରହ୍ମଂ ସନ୍ଧ୍ୟା ଦୀପ ନିରଞ୍ଜନଂ
ସନ୍ଧ୍ୟା ଦୀପ ହରେତ୍ ପାପଂ, ସନ୍ଧ୍ୟା ଦୀପ ନମୋସ୍ତୁତେ ।"

ତତ୍‌ପରେ କାପ୍ତାପତ୍ରରେ ଠା' କରାଯାଇ ଅନ୍ନ ଓ ହବିଷ୍ୟ ପ୍ରସାଦ କରିଦିଆଯାଏ। ତହିଁରେ ତୁଳସୀ ପତ୍ର ପକା ଯାଇ ତାକୁ ପ୍ରସାଦ କରି ଦିଆଯାଏ। ତା'ପରେ ହବିଷ୍ୟାଳିମାନେ ଭୋଜନ କରନ୍ତି। ଯେଉଁ ସ୍ଥାନରେ ଠା' କରାଯାଏ, ସେଠାରେ ଦୁଇ କାପ୍ତା ଓ କାପ୍ତୀଙ୍କର ଚିତ୍ର ମୁରୁଜରେ କରାଯାଏ। ତା' ଉପରେ କଦଳୀ ପତ୍ରରେ ପ୍ରସାଦ ବଢ଼ା ଯାଏ ଓ ତୁଳସୀ ପକାଇ ଦାମୋଦରଙ୍କୁ ଅର୍ପଣ କରାଯାଏ। ତା'ପରେ ତାକୁ ଭୋଜନ କରାଯାଏ। ସନ୍ଧ୍ୟାରେ ପୁରାଣ ପଣ୍ଡା ଭାଗବତ ପାଠ କରନ୍ତି ଓ ହବିଷ୍ୟାଳିମାନେ ସମସ୍ତେ ବସି ଶୁଣନ୍ତି। ଏହି ପୁରାଣ ପଣ୍ଡାଙ୍କ ଭାଗବତ ପାଠରୁ ହିଁ ଓଡ଼ିଆ ଭାଗବତର ସୃଷ୍ଟି। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ମାତା ଏହି ସଂସ୍କୃତ ଭାଗବତକୁ ଠିକ୍ ଭାବରେ ଅନେକ ମହିଳା ବୁଝି ନ ପାରିବାରୁ ସେ ପୁତ୍ର ଜଗନ୍ନାଥଙ୍କୁ କହି ସଂସ୍କୃତ ଭାଗବତର ଓଡ଼ିଆ ଅନୁବାଦ କରାଇଥିଲେ।

ପଞ୍ଚକ ପାଞ୍ଚ ଦିନକୁ ବାଦ୍ ଦେଲେ କାପ୍ତାପତ୍ର ସଂପୂର୍ଣ୍ଣ ଏକ ମାସ ହୁଏ ନାହିଁ। ତେଣୁ ବ୍ରତକୁ ଖଣ୍ଡିତ ନ କରିବା ପାଇଁ ଅନେକ ହବିଷ୍ୟାଳି ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଦଶମୀ ବା ଦଶହରାଠାରୁ ହବିଷ୍ୟ ଆରମ୍ଭ କରି କାର୍ତ୍ତିକ ଶୁକ୍ଳ ଦଶମୀରେ କାପ୍ତାପତ୍ର ପକାଇବା ଶେଷ କରନ୍ତି। ତେଣୁ ବ୍ରତ ଖଣ୍ଡିତ ହୁଏ ନାହିଁ। ପୁନଶ୍ଚ ପଞ୍ଚକକୁ ବକ ପଞ୍ଚକ କୁହାଯାଏ। ବଗ-ବଗୁଲୀ ଦୁଇଟି ଚିତ୍ର କରି ଠା' କରାଯାଇ ତା' ଉପରେ ଅନ୍ନ ବଢ଼ା ଯାଏ। କୁହାଯାଏ, ଏହି ପଞ୍ଚକରେ ବଗ ମଧ ଆମିଷ ଗ୍ରହଣ କରେ ନାହିଁ। ମାସକ କାର୍ତ୍ତିକ ବ୍ରତ କରି ଯେଉଁ ଫଳ ମିଳେ କେବଳ ପଞ୍ଚକ ପାଞ୍ଚ ଦିନ ବ୍ରତ କଲେ ସେହି ଫଳ ମିଳିଥାଏ। ତେଣୁ ଅନେକ ବ୍ୟକ୍ତି ପାଞ୍ଚ ଦିନ ପଞ୍ଚକରେ ହବିଷାନ୍ନ କରି ବ୍ରତ ପାଳନ କରିଥାନ୍ତି।



କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଦଶମୀରେ ଭଗବାନ ଶ୍ରୀକୃଷ୍ଣ ତାଙ୍କର ପବିତ୍ର ମହା ରାସଲୀଳା କରିଥିଲେ। ବ୍ରଜ ସୁନ୍ଦରୀମାନଙ୍କ ସହିତ ଗୋଟିଏ ବ୍ରହ୍ମରାତ୍ରି ପର୍ଯ୍ୟନ୍ତ ଏହି ମହା ରାମଲୀଳା ଅନୁଷ୍ଠିତ ହୋଇଥିଲା। ଭାଗବତର ଦଶମ ସ୍କନ୍ଧ ରାସ ପଞ୍ଚାଧ୍ୟାୟୀରେ ଏହାର ବିସ୍ତୃତ ବର୍ଣ୍ଣନା ଦିଆଯାଇଛି। ତେଣୁ ଏହି କାର୍ତ୍ତିକ ମାସ ଅତ୍ୟନ୍ତ ପବିତ୍ର ମାସ। ବୈଶାଖ, ମାଘ ଓ କାର୍ତ୍ତିକ ମାସକୁ ପବିତ୍ର ତଥା ଧର୍ମ ମାସ ଭାବରେ ଗ୍ରହଣ କରାଯାଉଥିଲେ ମଧ, କାର୍ତ୍ତିକ ମାସଟି ଅତ୍ୟନ୍ତ ଗୁରୁତ୍ୱ ବନହ କରେ। ତେଣୁ କାର୍ତ୍ତିକ ମାସକୁ ମହାକାର୍ତ୍ତିକ ବୋଲି କୁହାଯାଏ।




'କାର୍ତ୍ତିକ ମାହାତ୍ମ୍ୟ'ରେ ବର୍ଣ୍ଣିତ ଜଳନ୍ଧର ପ୍ରସଙ୍ଗଟି ଅତ୍ୟନ୍ତ ମାର୍ମିକ। ନାରଦଙ୍କ ଦ୍ୱାରା ପ୍ରଭାବିତ ହୋଇ ଜଳନ୍ଧର ମାତା ପାର୍ବତୀଙ୍କୁ ପତ୍ନୀ ଭାବରେ ପାଇବାର ଅପଚେଷ୍ଟା କରି ଶିବଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ହେଲା। ଯୁଦ୍ଧରେ ବିଜୟ ଲାଭର ଆଶା କ୍ଷୀଣ ଦେଖି ଜଳନ୍ଧର ଆସୁରୀ ମାୟାରେ ପକଟ ଶିବ ବେଶରେ ପାର୍ବତୀଙ୍କୁ ହରଣ କରିବା କାମନା ରଖି କୈଳାସକୁ ଆସିଲା, କିନ୍ତୁ ଉମାଙ୍କର ଅନୁପମ ରୂପ ମାଧୁର୍ଯ୍ୟକୁ ଦେଖି ସେ ମୂର୍ଚ୍ଛା ହୋଇଗଲା। ପରେ ସେ ଜ୍ଞାନ ପାଇ ଲଜ୍ଜିତ ହୋଇ ପଳାୟନ କଲା। ପାର୍ବତୀ ଏହା ଜାଣି ଭଗବାନ ବିଷ୍ଣୁଙ୍କୁ ଏହି କଥା ଜଣାଇଲେ। କାରଣ ସେତେବେଳେ ଶଙ୍କର ଜଳନ୍ଧର ଯୁଦ୍ଧରେ ପ୍ରବୃତ୍ତ ଥିଲେ। ବିଷ୍ଣୁ ସବୁ ଶୁଣି ସ୍ମିତ ହସି କହିଲେ –

"ଶୁଣ ଗୋ ଦେବୀ ଶାକମ୍ବରୀ । ମାୟାକୁ ମୟାପାରେ କରି ।
ଯେଣୁ ମୋ ନାମ ମାୟାଧର । ମାୟା ମୁଁ ନସହେ କାହାର ।"

(କାର୍ତ୍ତିକ ମାହାତ୍ମ୍ୟ)

ବିଷ୍ଣୁ କହିଲେ ଦେବୀ, ଆପଣ ଯାଆନ୍ତୁ, ସେ ଯେପରି ମାୟା କଲା, ମୁଁ ସେହି ମାୟାରେ ତାକୁ ବିନାଶ କରିବି। ଭଗବାନ ବିଷ୍ଣୁ ମାୟାରେ ଜଳନ୍ଧର ରୂପ ଧାରଣ କରି ବୃନ୍ଦାଙ୍କ ସତୀତ୍ୱ ହରଣ କଲେ। ଫଳରେ ଜଳନ୍ଧରର ମୃତ୍ୟୁ ହେଲା। କିନ୍ତୁ ବୃନ୍ଦା ଭଗବାନଙ୍କୁ ଅଭିଶାପ ଦେଇ କହିଲେ, ତୁମେ ଧର୍ମ ସେତୁ ହୋଇ ଏ ଅଧର୍ମ କଲ, ତୁମେ ପାଷାଣ ହୋଇ ଯାଅ। ତୁମକୁ ବ୍ରହ୍ମକୀଟ କାଟନ୍ତୁ, ମୁଁ ସର୍ବଦା ତୁମ ମୁଣ୍ଡରେ ବସିଥାଏ। ବୃନ୍ଦାଙ୍କ ଶରୀର ଭସ୍ମ ହେବା ପରେ ତହିଁରୁ ଏକ ଗୁଳ୍ମ ଜାତ ହେଲା, ଯାହାର ନାମ ତୁଳସୀ। ଚଉରା ଉପରେ ତୁଳସୀ ଯୁଗ ଯୁଗ ଧରି ବସିଛନ୍ତି। ସତୀ ନାରୀ ସେ। ହବିଷ୍ୟାଳିମାନେ ତାଙ୍କୁ ଆରାଧନା କରନ୍ତି ଚଉରା ମୂଳରେ।


## ଓଡ଼ିଶାବାସୀଙ୍କ ଗୋଟିଏ କାମନା

"ଶ୍ରୀକ୍ଷେତ୍ର ବାସଂଚ- ମହାପ୍ରସାଦଂ, ସମ୍ଭବନ୍ତୁ ମମ ଜନ୍ମ ଜନ୍ମନି ।" ତେଣୁ ଏହି ମହା କାର୍ତ୍ତିକ ମାସରେ ହବିଷ୍ୟାନ୍ନ ଭୋଜନ ଏବଂ ଜଗନ୍ନାଥ ଦର୍ଶନ ଅତ୍ୟନ୍ତ ମହାନ୍ ପୁଣ୍ୟତମ କାର୍ଯ୍ୟ। ■






ବର୍ଷଣା ବିହାର, ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯ ୯୩୭୮୩୫୨୩୦



# କାର୍ତ୍ତିକ ବ୍ରତ ଓ ଶ୍ରୀକ୍ଷେତ୍ର



ହେମନ୍ତ କୁମାର ନାୟକ, ପୁରୀ


ଦ୍ୱାଦଶ ମାସ ମଧ୍ୟରେ କାର୍ତ୍ତିକ ମାସ ହିନ୍ଦୁଧର୍ମ ଧାରାରେ ଅତ୍ୟନ୍ତ ଶ୍ରେଷ୍ଠ ତଥା ଧର୍ମ ମାସ ନାମରେ ଖ୍ୟାତ। ପୁରାଣ ମତରେ, କାର୍ତ୍ତିକ ପରି ମାସ, ସତ୍ୟ ପରି ଯୁଗ, ବେଦ ପରି ଶାସ୍ତ୍ର, ଶ୍ରୀକ୍ଷେତ୍ର ପରି ତୀର୍ଥ ଓ ଗଙ୍ଗା ପରି ନଦୀ ଦୁର୍ଲ୍ଲଭ। କାର୍ତ୍ତିକ ମାସରେ ଧୂପଦୀପରେ ମହକି ଉଠେ ପୂଜାସ୍ଥଳ। ସଂକୀର୍ତ୍ତନରେ ମୁଖରିତ ହୋଇଯାଏ ବଡ଼ଦାଣ୍ଡ। ଶ୍ରୀକ୍ଷେତ୍ରରେ ହବିଷ ଓ ମାସସାରା ମହାପ୍ରଭୁଙ୍କୁ ଦର୍ଶନ କରି ପୁଣ୍ୟ ଓ ମୋକ୍ଷ ଅର୍ଜନ କରିବା ହବିଷ୍ୟାଳିମାନଙ୍କର ଏକମାତ୍ର ଲକ୍ଷ୍ୟ। 'ପଦ୍ମପୁରାଣ'ର ଉତ୍ତରଖଣ୍ଡର ବର୍ଣ୍ଣନା ଅନୁସାରେ, କାର୍ତ୍ତିକ ମାସ ହିଁ ଭଗବତ୍ ଆରାଧନା ଓ ଉପାସନା ଦୃଷ୍ଟିରୁ ସର୍ବଶ୍ରେଷ୍ଠ ମାସ ବୋଲି ପ୍ରତିପାଦନ କରାଯାଇଛି। କାୟ ମନୋବାକ୍ୟରେ ଶୁଦ୍ଧ ରହି ବ୍ରତ ଆଚରଣ ପୂର୍ବକ ଯେଉଁ ମାସରେ ଉପାସନା କରାଯାଏ ତାହା ହେଉଛି କାର୍ତ୍ତିକ ବ୍ରତ। ଏହି ମାସ ପବିତ୍ର ମଧ୍ୟରେ ପରମ ପବିତ୍ର। କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ମହାଫଳ ହୁଏ। କାର୍ତ୍ତିକ ବ୍ରତ ପାଳନ କେବଳ ପୁରୀରେ ନୁହେଁ, ହିନ୍ଦୁ ଧର୍ମାବଲମ୍ବୀ ଉତ୍କଳୀୟ ପରମ୍ପରା ଭାବରେ ଓଡ଼ିଶାର ପୁରପଲ୍ଲୀରେ ସଧବା ଓ ବିଧବାମାନେ ଏହି ବ୍ରତ ପାଳନ କରି ଆସୁଛନ୍ତି। ଗାଁ ଗହଳରେ କାର୍ତ୍ତିକ ବ୍ରତ ପାଳନ ହେଉଥିବାବେଳେ ବହୁ ବ୍ୟକ୍ତି ଶ୍ରୀକ୍ଷେତ୍ର ପୁରୀ ଓ ଆଉ କେହି କେହି ବୃନ୍ଦାବନକୁ ହବିଷ କରିବାକୁ ଯାଇଥାନ୍ତି। ଏହି ମାସରେ କେହି କେହି ମଧ୍ୟ ଚାରିଧାମକୁ ଯାତ୍ରା କରିଥାନ୍ତି। ଏ ମାସରେ ଦୀପାବଳି ପାଳନ କରାଯାଏ। ଶ୍ରୀକାର୍ତ୍ତିକେୟ ଏହି ମାସରେ ଜନ୍ମଲାଭ କରିଥିବାବେଳେ ମା' ବୃନ୍ଦାବତୀ ମଧ୍ୟ ଏହି ମାସରେ ତୁଳସୀ ରୂପେ ପ୍ରକଟିତା ହୋଇଥିଲେ। ଏଥିସହ ଏହି ମାସରେ ରାଧା ଓ କୃଷ୍ଣଙ୍କର ମହାରାସଲୀଳାର ମହାପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମାସର ଅଁଳା ନବମୀ ଦିନ ରାଧାପାଦ ଦର୍ଶନ ପାଇଁ ହବିଷ୍ୟାଳିମାନେ ସାକ୍ଷୀଗୋପାଳ ଯାତ୍ରା କରିଥାନ୍ତି। ଏହି ମାସରେ 'ରାଧା ଦାମୋଦରଙ୍କ' ପୂଜା କରାଯାଉଥିବାରୁ କେହି କେହି ଏହାକୁ 'ରାଈଦାମୋଦର' ପୂଜା ବୋଲି କହିଥାନ୍ତି।

## ଶ୍ରୀକ୍ଷେତ୍ରରେ ବ୍ରତ ବିଧି

ଅତୀତର ଗୌରବକୁ ସ୍ମରଣ କରିବାର ମାସ ହେଉଛି କାର୍ତ୍ତିକ। ଏହି ମହାକାର୍ତ୍ତିକରେ ଆହୁରି ମହିମାମଣ୍ଡିତ ହୋଇଯାଏ ତୀର୍ଥରାଜ ଶ୍ରୀକ୍ଷେତ୍ର। ଏହି ମାସରେ ବ୍ରତଧାରୀ ହବିଷ୍ୟାଳିମାନେ ପ୍ରଥମ ଦିନ ସଂକଳ୍ପ କରି ବ୍ରତ ଆରମ୍ଭ କରନ୍ତି। ପ୍ରତିଦିନ ପ୍ରତ୍ୟୁଷରୁ ତୀର୍ଥ ପୁଷ୍କରିଣୀ ଅଥବା ମହୋଦଧିରେ ସ୍ନାନ କରି ସେଠାରେ ବାଲୁକା ପୂଜା କରନ୍ତି। ଏହାପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ ଓ ବେଢ଼ା ପରିକ୍ରମା କରିଥାନ୍ତି। ତୁଳସୀ ଚଉରା ମୂଳରେ ରଙ୍ଗର ମୁରୁଜ ପକାଇ କାର୍ତ୍ତିକର ପ୍ରଥମ ୨୫ଦିନ ଏମାନେ ରାଧା ଦାମୋଦର ପୂଜା ଏବଂ ଶେଷ ପାଞ୍ଚଦିନ ଲକ୍ଷ୍ମୀନାରାୟଣ ପୂଜା କରନ୍ତି। ଚଉରା ମୂଳେ ବ୍ରତଧାରୀମାନେ ଏକାଠି ହୋଇ ରାଧା ଦାମୋଦର ଗୀତ ଗାନ କରନ୍ତି। ସେହିପରି 'କାର୍ତ୍ତିକ ମାହାତ୍ମ୍ୟ' ପୁରାଣ ଶୁଣନ୍ତି। ଦିନକରେ ଥରେ ମାତ୍ର ହବିଷ୍ୟାନ୍ନ ଅବା ଅବଢ଼ା ସେବନ କରି ପୁଣି ସନ୍ଧ୍ୟାରେ ଶ୍ରୀମନ୍ଦିର ଯାଇ ସନ୍ଧ୍ୟା ଆଳତି ଦର୍ଶନ କରନ୍ତି। କାର୍ତ୍ତିକ ମାସଟି ରାଧାକୃଷ୍ଣଙ୍କର ଭକ୍ତି ଓ ଆରାଧନାର ମାସ କହିଲେ ଅତ୍ୟୁକ୍ତି ହେବନାହିଁ।

ପବିତ୍ର ମହାକାର୍ତ୍ତିକ ମାସର ଶେଷ ଦିବସକୁ 'କାର୍ତ୍ତିକ ପୂର୍ଣ୍ଣିମା' କୁହାଯାଏ। ଏହାର ଅନ୍ୟନାମ 'ରାସ ପୂର୍ଣ୍ଣିମା'। ହବିଷ୍ୟାଳିମାନେ ବ୍ରାହ୍ମଣମାନଙ୍କୁ ଛଞ୍ଚା ଦେଇ ଏହି ବ୍ରତ ଉଦ୍‌ଯାପନ କରିଥାନ୍ତି। ଏହିଦିନ ଶ୍ରୀକୃଷ୍ଣ ରାଧାଙ୍କ ସଙ୍ଗରେ ବୃନ୍ଦାବନରେ ରାସକ୍ରୀଡ଼ା କରିଥିଲେ। ଶ୍ରୀକୃଷ୍ଣ ଗୋପୀମାନଙ୍କ ସହିତ ବୃନ୍ଦାବନରେ ଯେଉଁ ରାସ କାର୍ତ୍ତିକ ମାସରେ କରିଥିଲେ ତାକୁ 'ଶରତ ରାସ' କୁହାଯାଏ। ଓଡ଼ିଶାର ସାମାଜିକ, ଧାର୍ମିକ ଓ ଜାତୀୟ ଜୀବନରେ କାର୍ତ୍ତିକ ମାସ, କାର୍ତ୍ତିକ ପୂର୍ଣ୍ଣିମାର ମହତ୍ତ୍ୱ ସର୍ବଜନବିଦିତ। ସହସ୍ରବର୍ଷ ପୂର୍ବେ ଓଡ଼ିଆ ସାଧବ ପୁଅମାନେ ବାଲି, ଜାଭା, ସିଂହଳ ଓ ସୁମାତ୍ରା ଦ୍ୱୀପକୁ ମହାନଦୀ ଦେଇ ବୋଇତରେ ଆଷାଢ଼ ମାସରେ ବାଣିଜ୍ୟ ପାଇଁ ଯାଉଥିଲେ। ପୁଣି ଧନରତ୍ନ ଦେଇ କାର୍ତ୍ତିକ ମାସରେ ଫେରୁଥିଲେ। ସେତେବେଳେ ଉତ୍କଳର ନୌବାଣିଜ୍ୟ ଲାଗି ଯଥେଷ୍ଟ ଗୌରବ ଥିଲା। ସାଧବ ପୁଅ କହି ଯାଉଥିଲା-'ଆ କା ମା ବୈ' ଅର୍ଥାତ୍, ଆଷାଢ଼ ମାସରେ ଯାଉଛି କାର୍ତ୍ତିକ ମାସରେ ଫେରିବି, ଭୟ କରିବ ନାହିଁ। ଆଜି ସେହି ସଂସ୍କୃତିର ଅଂଶବିଶେଷକୁ ଉଜ୍ଜୀବିତ ରଖିବା ପାଇଁ ଓଡ଼ିଶାବାସୀ କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ନଦୀ, ସମୁଦ୍ର, ପୋଖରୀ, ଗାଡ଼ିଆ ଇତ୍ୟାଦିରେ କଦଳୀ ବାହୁଙ୍ଗା ବା ସୋଲରେ ଡଙ୍ଗା ସଜାଇ ଦୀପଜାଳି ଜଳରେ ଭସାଇ ବୋଲିଥାନ୍ତି – 'ଆ କା ମା ବୈ'। ହବିଷ୍ୟାଳିମାନେ ଡଙ୍ଗାରେ ପାନ ଗୁଆ ଦେଇ କୁହନ୍ତି – 'ପାନ ଗୁଆ ତୋର, ମାସକ ଧର୍ମ ମୋର'। କହିବାକୁ ଗଲେ କାର୍ତ୍ତିକ ପୂର୍ଣ୍ଣିମା ସହିତ ପ୍ରାଚୀନ କଳିଙ୍ଗର ସାମୁଦ୍ରିକ ବହିର୍ବାଣିଜ୍ୟ, ଉପନିବେଶ ସ୍ଥାପନ, ବାଣିଜ୍ୟ ବ୍ୟାପାର, ପରମ୍ପରା, ଭୌଗୋଳିକ ଜ୍ଞାନର ବିକାଶ, ସମୁଦ୍ର ଯାତ୍ରା, କଳାସଂସ୍କୃତି, ସାମାଜିକ ରାଜନୈତିକ ଅର୍ଥନୈତିକ ଧାର୍ମିକ ବ୍ୟବସ୍ଥା ଆଦି ଏହି ଦିବସ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସଂପୃକ୍ତ କହିଲେ ଅତ୍ୟୁକ୍ତି ହେବନାହିଁ।


ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ ହୋଇଥାଏ। କିନ୍ତୁ କୁମାର ପୂର୍ଣ୍ଣିମା ପରଦିନ ଅର୍ଥାତ୍ କାର୍ତ୍ତିକ ମାସର ପ୍ରଥମ ଦିନରୁ ସାଧାରଣତଃ ହବିଷ୍ୟାଳିମାନେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି। ଏହାର ଦିନେ ଦୁଇଦିନ ପୂର୍ବରୁ କାର୍ତ୍ତିକ ବ୍ରତ ଲାଗି ଶ୍ରୀକ୍ଷେତ୍ରକୁ ହବିଷ୍ୟାଳି ମା'ମାନଙ୍କ ଆଗମନ ଆରମ୍ଭ ହୋଇଯାଇଥାଏ। ତେବେ ୨୦୧୬ରୁ ହବିଷ୍ୟାଳି ମା'ମାନଙ୍କ ପାଇଁ ସରକାରୀ ସ୍ତରରେ ହବିଷ୍ୟାଳି ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନା ଅନ୍ତର୍ଭୁକ୍ତ





ବ୍ରତଧାରୀମାନଙ୍କ ପାଇଁ ସରକାର ସମସ୍ତ ପ୍ରକାର ସୁବିଧା ପ୍ରଦାନ କରୁଛନ୍ତି। ସେମାନଙ୍କ ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ ଓ ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ, ପାନୀୟ ଜଳ, ନରେନ୍ଦ୍ରରେ ସୁରକ୍ଷିତ ସ୍ନାନ ଏବଂ ସହଯୋଗ ପାଇଁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଥାଏ।

ହବିଷ୍ୟାଳିଙ୍କ ରହଣି ପାଇଁ ପ୍ରତିବର୍ଷ ୪/୫ଟି ଶିବିର କରାଯାଇଥାଏ। ପ୍ରଥମବର୍ଷ ଜେଲ୍‌ରୋଡ୍, ଜଗନ୍ନାଥ ବଲ୍ଲଭ, ମୋଚିସାହି କଲ୍ୟାଣ ମଣ୍ଡପ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ଏହି ଶିବିର କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଶିବିରସ୍ଥଳ ପରିବର୍ତ୍ତନ କରାଯାଇ ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡ଼ିଆରେ କରାଯାଇଥିବା ବେଳେ ହବିଷ୍ୟାଳିଙ୍କ ସ୍ଥାୟୀ ଶିବିର ଭାବେ ବୃନ୍ଦାବତୀ ନିବାସ କରାଯାଉଛି। ୨୦୧୬ ମସିହାରେ ପ୍ରଥମେ ତିନୋଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରହିଥିଲେ ପ୍ରାୟ ଅଢ଼େଇ ହଜାର ହବିଷ୍ୟାଳି। ୨୦୧୭, ୨୦୧୮ ଏବଂ ୨୦୧୯ ମସିହାରେ ଏହି ଶିବିର କରାଯାଇଥିବା ବେଳେ ପ୍ରତିବର୍ଷ ପ୍ରାୟ ୩ ହଜାରରୁ ଅଧିକ ବ୍ରତଧାରୀ ରହିଥିଲେ। ହେଲେ କୋଭିଡ୍ ପାଇଁ ୨୦୨୦ ଏବଂ ୨୦୨୧ ମସିହାରେ ଏହି ଯୋଜନା ବନ୍ଦ ରହିଥିଲା। ପୁନଶ୍ଚ ୨୦୨୨ ମସିହାରେ ହବିଷ୍ୟାଳି ଯୋଜନା ଆରମ୍ଭ କରାଯାଇଥିଲା। ୨୯ଟି ଜିଲ୍ଲାରୁ ୨,୯୩୫ ଜଣ ନାମ ପଞ୍ଜୀକରଣ କରିଥିଲେ। କେବଳ ମାଲକାନଗିରି ଜିଲ୍ଲାରୁ କେହି ଆସି ନ ଥିବାବେଳେ ପୁରୀ ଜିଲ୍ଲାରୁ ସର୍ବାଧିକ ୯୬୪, ଖୋର୍ଦ୍ଧା ୭୩୦, ଗଞ୍ଜାମ ୩୭୦, ନୟାଗଡ଼ ଜିଲ୍ଲାରୁ ୨୭୦ ଜଣ ହବିଷ୍ୟାଳି ରହିଛନ୍ତି। ସ୍ଥାୟୀ ରହଣି କେନ୍ଦ୍ର ବୃନ୍ଦାବତୀ ନିବାସରେ ପୁରୀ, ଗଞ୍ଜାମ ଓ ନୟାଗଡ଼ର ୧,୬୦୪ ଜଣ, ବଗଲା ଧର୍ମଶାଳା, ବାଗେଡ଼ିଆ ଧର୍ମଶାଳା ଓ ଅକ୍ଷୟ ପାତ୍ରରେ ଖୋର୍ଦ୍ଧା ଜିଲ୍ଲାର ୭୩୦ ଜଣ ଏବଂ ବଳକା ୨୫ଟି ଜିଲ୍ଲାର ୬୦୧ ଜଣ ହବିଷିଆଳି ମୋଚିସାହି କଲ୍ୟାଣ ମଣ୍ଡପରେ ରହିଥିଲେ। ସେହିପରି ୨୦୨୩ରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରୁ ୩,୨୦୦ ଜଣ ନାମ ପଞ୍ଜୀକରଣ କରିଥିଲେ। କିନ୍ତୁ ଆବେଦନପତ୍ର ଯାଞ୍ଚ ପରେ ୩,୦୨୪ ଜଣ ହବିଷ୍ୟାଳିଙ୍କ ରହିବା ଲାଗି ବ୍ୟବସ୍ଥା କରାଯାଇଥିଲା। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୧୧ ଜଣ ହବିଷ୍ୟାଳି ଯୋଜନାରେ ଆସିଥିବାବେଳେ ପୁରୀରୁ ୮୭୫, ଗଞ୍ଜାମ ୩୮୫, ନୟାଗଡ଼ ଜିଲ୍ଲାରୁ ୩୧୦ ଜଣ ହବିଷ୍ୟାଳି ଆସିଥିଲେ। କିନ୍ତୁ ୨୦୨୪ରେ ହବିଷ୍ୟାଳି ଯୋଜନାକୁ ସଂକୁଚିତ କରି ଦିଆଯାଇଥିଲା। ବ୍ରତଧାରୀଙ୍କ ସଂଖ୍ୟା ୨,୫୦୦କୁ ଖସାଇ ଅଣାଯାଇଥିଲା। ଚଳିତବର୍ଷ ମଧ୍ୟ ୨,୫୦୦ ହବିଷ୍ୟାଳିଙ୍କ ରହଣି ବ୍ୟବସ୍ଥା କରିଛନ୍ତି ସରକାର। ଏ ବର୍ଷ ୫ଟି ହବିଷ୍ୟାଳି କେନ୍ଦ୍ର ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ରେଲୱେ କଲ୍ୟାଣ ମଣ୍ଡପରେ ବ୍ରତଧାରୀଙ୍କ ରହଣି ବ୍ୟବସ୍ଥା କରାଯାଇଛି। ଦିନକୁ ଥରେଟିଏ ମହାପ୍ରସାଦ ସେବନ କରୁଥିବା ବେଳେ ଶିବିରରେ ତୁଳସୀ ଚଉରା ମୂଳେ ପୂଜା କରିବା, ଆକାଶ ଦୀପ ଟାଣିବା, ଭଜନ ଓ ପ୍ରବଚନର ବ୍ୟବସ୍ଥା କରାଯାଇଛି।



## ହବିଷ୍ୟାଳି ଯୋଜନାର ବିନ୍ଧାଣି ନବୀନ

ପ୍ରତିବର୍ଷ କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହବିଷ୍ୟାଳି ମା'ମାନେ ପୁରୀ ଆସିଥାନ୍ତି। ପରିଣତ ବୟସରେ ହବିଷ କରିବାକୁ ଆସୁଥିବା ବ୍ରତଧାରୀମାନେ ନିଜସ୍ୱ ଖର୍ଚ୍ଚରେ ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଏବଂ କେହି କେହି ସମ୍ପର୍କୀୟଙ୍କ ଘରେ ରହିଥାନ୍ତି। ଅନେକ ହବିଷ୍ୟାଳି ଆସନ୍ତି ଯେଉଁମାନେ କେବଳ ପଞ୍ଚକ ପାଞ୍ଚଦିନ ଶ୍ରୀକ୍ଷେତ୍ର ରହି ହବିଷ କରିଥାନ୍ତି। ଏମିତି ବି ଅନେକ ବ୍ରତଧାରୀ ରହିଥାନ୍ତି, ଯେଉଁମାନେ ପୁରୀରେ ରହି ବ୍ରତ ପାଳିବାକୁ ଇଚ୍ଛା କରିଥିଲେ ହେଁ ଆର୍ଥିକ ସ୍ଥିତି ସେମାନଙ୍କୁ ପଛକୁ ଟାଣିଥାଏ। ଫଳରେ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ କରିବାର ଇଚ୍ଛାକୁ ସେମାନେ ମନ ଭିତରେ ଚାପିଦିଅନ୍ତି। ଏହିଭଳି ବାସ୍ତବତାକୁ ଉପଲବ୍ଧି କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ହବିଷ୍ୟାଳି ମା'ମାନେ କିପରି ମାଗଣାରେ ରହି ବ୍ରତ ପାଳନ କରିବେ ସେଥିଲାଗି ୨୦୧୬ ମସିହାରେ ତତ୍କାଳୀନ ବିଜେଡି ସରକାର ଆରମ୍ଭ କରିଥିଲେ ହବିଷ୍ୟାଳି ଯୋଜନା। ନବୀନ ହିଁ ଥିଲେ ଏହି ଯୋଜନାର ବିନ୍ଧାଣି। ପ୍ରତିବର୍ଷ ଏହି ଯୋଜନାର ଚାହିଦା ବଢୁଥିବା ବେଳେ ହବିଷ୍ୟାଳିମାନେ ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରି ବେଶ୍ ସୁଖଦ ଅନୁଭୂତି ସାଉଣ୍ଟି ଘରକୁ ଫେରୁଛନ୍ତି।

## ୪୧ କୋଟିର 'ବୃନ୍ଦାବତୀ ନିବାସ'

ପବିତ୍ର କାର୍ତ୍ତିକ ମାସରେ ପୁରୀକୁ ବହୁ ସଂଖ୍ୟାରେ ହବିଷ୍ୟାଳି ହବିଷ ବ୍ରତ ପାଳିବାକୁ ଆସିଥାନ୍ତି। ବ୍ରତଧାରୀମାନେ ନିଜ ନିଜ ଉଦ୍ୟମରେ ମଠ, ମନ୍ଦିର, ଧର୍ମଶାଳାରେ ରହିଥାନ୍ତି। ଏଥିପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିଥାଏ। ଏମିତି ବି ବୟସର ଶେଷ ପାହାଚରେ ପହଞ୍ଚିଥିବା କିଛି ମାଆମାନେ ଶ୍ରୀକ୍ଷେତ୍ରରେ ରହି ହବିଷ କରିବାକୁ ଇଚ୍ଛା କରୁଥିଲେ ବି ଅର୍ଥାଭାବରୁ ଆସିପାରି ନ ଥାନ୍ତି। ଏହି ବାସ୍ତବତାକୁ ଅନୁଭବ କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅସୁବିଧାକୁ ଦୂର କରିବା ପାଇଁ ୨୦୧୬ରେ ଆରମ୍ଭ କରିଥିଲେ ହବିଷ୍ୟାଳି ଯୋଜନା। ପ୍ରଥମବର୍ଷ ତିନୋଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରହିଥିଲେ ପ୍ରାୟ ଅଢ଼େଇ ହଜାର ହବିଷ୍ୟାଳି। ସେମାନଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଥିଲେ ରାଜ୍ୟ ସରକାର। ଏହା ପରବର୍ଷ ଅର୍ଥାତ୍ ୨୦୧୭ ରେ ମୁଖ୍ୟମନ୍ତ୍ରୀ ହବିଷ୍ୟାଳି ମା'ମାନଙ୍କ ପାଇଁ ସ୍ଥାୟୀ ଶିବିର ନିର୍ମାଣ ଉଦ୍ଦେଶ୍ୟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। 'ବୃନ୍ଦାବତୀ ନିବାସ' ନାମରେ ନାମିତ ଏହି ସ୍ଥାୟୀ ଶିବିରକୁ ନବୀନ ପଟ୍ଟନାୟକ ୨୦୨୨ ଅକ୍ଟୋବର ୧୦ ତାରିଖରେ ଉଦ୍‌ଘାଟନ କରିଥିଲେ। ନରେନ୍ଦ୍ରକୋଣସ୍ଥିତ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି) ର ପୁରୁଣା ଗ୍ୟାରେଜ ଜମି (ପ୍ରାୟ ୨ ଏକର) ରେ ଏହି କୋଠା ନିର୍ମାଣ କରାଯିବା ଲାଗି ସ୍ଥିର କରାଯାଇଥିଲା। ୧୫,୯୫୪ ବର୍ଗମିଟର ଅଞ୍ଚଳରେ ଗ୍ରାଉଣ୍ଡ ଫ୍ଲୋର ସମେତ ୭ ମହଲା କୋଠା ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଅବଢା ଯୋଜନାରେ ପ୍ରଥମେ ୩୮ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ହେଲେ ନିର୍ମାଣ ଶେଷ ବେଳକୁ ବ୍ୟୟ ଅଟକଳ ୪୧ କୋଟି ଟଙ୍କାରେ ପହଞ୍ଚିଥିଲା। ୧୧୮ ଟି କୋଠରି ଥିବାବେଳେ ର୍‍ୟାମ୍ପ, ଲିଫ୍ଟ ସାଙ୍ଗକୁ ଡାଇନିଂ ହଲ୍, ଶୌଚାଳୟ, ସ୍ନାନାଗାର ଆଦି ସମସ୍ତ ପ୍ରକାର ମୌଳିକ ସୁବିଧା ଉପଲବ୍ଧ ରହିଛି ବୃନ୍ଦାବତୀ ନିବାସରେ। କାର୍ତ୍ତିକ ବ୍ରତ ପରେ ଏଠାରେ ଭକ୍ତମାନେ କମ୍ ମୂଲ୍ୟରେ ରହଣି ସୁବିଧା ମଧ୍ୟ ପାଇପାରୁଛନ୍ତି। ■







# କାର୍ତ୍ତିକରେ ତୁଳସୀ ପୂଜା



ଶ୍ରୁତକୀର୍ତ୍ତି ତ୍ରିପାଠୀ

**କାର୍ତ୍ତିକ ମାସର ଆଗମନ ସହିତ ଓଡ଼ିଶାର ପ୍ରତି ଘରେ ରହୁଥିବା ପ୍ରାୟ ସମସ୍ତଙ୍କ ମନରେ ଧାର୍ମିକ ଭାବନା ଉଜ୍ଜୀବିତ ହୁଏ । ପ୍ରାତଃ ସ୍ନାନ, ଦେବଦେବୀ ଦର୍ଶନ, ତୁଳସୀ ପୂଜନ, ଶାସ୍ତ୍ର ପଠନ, ହବିଷାନ୍ନ ଗ୍ରହଣ ସହିତ ଧ୍ୟାନ ଓ ଦାନ ଦ୍ୱାରା ସମସ୍ତେ ପୁଣ୍ୟ ଅର୍ଜନ କରନ୍ତି । କାର୍ତ୍ତିକ ମାସର ଅଧିପତି ହେଉଛନ୍ତି 'ଦାମୋଦର' ସେଥିପାଇଁ ସାଧୁ ସନ୍ଥମାନେ କାର୍ତ୍ତିକ ମାସକୁ 'ଦାମୋଦର ମାସ' ଭାବରେ ମଧ୍ୟ ଅଭିହିତ କରନ୍ତି । ଏହି ମାସର ବିଶେଷତ୍ୱ ହେଉଛି ତୁଳସୀ ପୂଜନ ।**

ଆମ ଓଡ଼ିଆଙ୍କ ପ୍ରତିଘର ଅଗଣାରେ ତୁଳସୀ ଗଛଟିଏ ଶୋଭା ପାଏ । ବିଶ୍ୱାସ ରହିଛି ଯେ, ତୁଳସୀ ଗଛରେ ସାକ୍ଷାତ ଲକ୍ଷ୍ମୀଙ୍କର ନିବାସ ରହିଥାଏ । ହିନ୍ଦୁ ପରମ୍ପରା ଅନୁସାରେ ପ୍ରତିଦିନ ପ୍ରାତଃ କାଳରେ ସ୍ନାନାଦି କର୍ମ ପରେ ତମ୍ବା ପାତ୍ରରେ ତୁଳସୀ ଗଛ ମୂଳେ ଜଳ ଅର୍ପଣ କରାଯାଉଥିବା ବେଳେ ସନ୍ଧ୍ୟାରେ ତୁଳସୀ ଚଉରା ମୂଳରେ ଘିଅ ଦୀପ ପ୍ରଜ୍ୱଳନ କରାଯାଏ । ତୁଳସୀ ଉଭୟ ଲକ୍ଷ୍ମୀ ଓ ନାରାୟଣଙ୍କ ପ୍ରିୟ । 'ହରପ୍ରିୟା' ଓ 'ବୃନ୍ଦା' ପବିତ୍ର ତୁଳସୀଙ୍କ ଅନ୍ୟ ଦୁଇ ନାମ। ତୁଳସୀ ବିନା କୌଣସି ଯଜ୍ଞ, ହୋମ, ପୂଜା, କର୍ମକାଣ୍ଡ, ସାଧନା ବା ଉପାସନା ସମ୍ପୂର୍ଣ୍ଣ ହୁଏ ନାହିଁ । ଏପରିକି ଶ୍ରାଦ୍ଧ, ତର୍ପଣ, ଦାନ, ସଂକଳ୍ପ ସହିତ ଚରଣାମୃତ, ପ୍ରସାଦ ଏବଂ ଭଗବାନଙ୍କ ଭୋଗରେ ମଧ୍ୟ ତୁଳସୀ ପଡ଼ିବା ଅନିବାର୍ଯ୍ୟ ଅଟେ ।

## ପୌରାଣିକ ଆଖ୍ୟାନ

ପବିତ୍ର ତୁଳସୀ ବୃକ୍ଷ ସମ୍ପର୍କରେ ରହିଛି ଏକ ପୌରାଣିକ ଆଖ୍ୟାନ । କାଳନେମୀଙ୍କ କନ୍ୟା ସତୀ ବୃନ୍ଦାଙ୍କର ସତୀତ୍ୱ ବିଷ୍ଣୁ ହରଣ କରିବାରୁ ବୃନ୍ଦା ଅଭିଶାପ ଦେଇ ଅଗ୍ନିରେ ପ୍ରାଣ ବିସର୍ଜନ କରିଥିଲେ । ଅଭିଶାପ ପାଇବା ପରେ ପ୍ରଭୁ ସ୍ତମ୍ଭୀଭୂତ ହୋଇ ବଜରୀ ବଣରେ ଅବସ୍ଥାନ କଲେ । ବିଷ୍ଣୁଙ୍କର ଏହି ଦୁର୍ଗତି ପାଇଁ ଦେବଗଣ ମହାମାୟାଙ୍କୁ ସ୍ତୁତି କରି ତାଙ୍କ କୃପାରୁ ତ୍ରିବୀଜ ପ୍ରାପ୍ତ ହୋଇ ତାକୁ ବିଷ୍ଣୁଙ୍କ ସମ୍ମୁଖରେ ଭୂମିରେ ବୁଣି ଦେଲେ। ଫଳରେ ସତ୍ତ୍ୱଗୁଣରେ ଗୌରୀଙ୍କ ଅଂଶରେ ତୁଳସୀ, ରଜଗୁଣରେ ସରସ୍ୱତୀଙ୍କ ଅଂଶରେ ଅଁଳା ଏବଂ ତମଗୁଣରେ ଲକ୍ଷ୍ମୀଙ୍କ ଅଂଶରେ ମାଳତୀ ସୃଷ୍ଟି ହେବାରୁ ବିଷ୍ଣୁ ପ୍ରସନ୍ନ ହେଲେ । ଏଣୁ କାର୍ତ୍ତିକ ମାସରେ ତୁଳସୀ ପୂଜନ କଲେ, ବିଷ୍ଣୁଙ୍କ କୃପା ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି ।

## ପବିତ୍ର ତୁଳସୀର ମହିମା

ତୁଳସୀ ଗଛର ମହିମା ବ୍ୟାଖ୍ୟା କରି ଭଗବାନ ଶିବ ନାରଦଙ୍କୁ କହିଛନ୍ତି :-

**"ପତ୍ରଂ ପୁଷ୍ପଂ ମୂଳଂ ଶାଖା ତ୍ୱକ୍ ସ୍କନ୍ଧସଂଗିତମ୍ ।
ତୁଳସୀସମ୍ଭବଂ ସର୍ବଂ ପାବନଂ ମୃତ୍ତିକାଦିକମ୍ ।"**

ଅର୍ଥାତ୍, ତୁଳସୀ ଗଛର ପତ୍ର, ଫୁଲ, ଚେର, ଶାଖା, ଗଛର ଛାଲି, ଶୁଖିଲା କାଠି ଏବଂ ତୁଳସୀ ମୂଳର ମାଟି ମଧ୍ୟ ଅତ୍ୟନ୍ତ ପବିତ୍ର ଅଟେ ।

ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି, "ଯେ କୌଣସି ଫୁଲ ଅପେକ୍ଷା ହଜାରେ ଗୁଣରେ ତାଙ୍କର ଅଧିକ ପ୍ରିୟ ହେଉଛି; ଉତ୍ପଳ । ଉତ୍ପଳ ଅପେକ୍ଷା ପଦ୍ମ, ପଦ୍ମ ଅପେକ୍ଷା ଶତଦଳ ପଦ୍ମ, ଶତଦଳ ପଦ୍ମ ଅପେକ୍ଷା ସହସ୍ରଦଳ ପଦ୍ମ ଏବଂ ସହସ୍ରଦଳ ପଦ୍ମ ଅପେକ୍ଷା ପୁଣ୍ଡରୀକ (ଶ୍ୱେତପଦ୍ମ) ତାଙ୍କର ଆହୁରି ଅଧିକ ପ୍ରିୟ । ମାତ୍ର ସହସ୍ର ଶ୍ୱେତପଦ୍ମଠାରୁ ବି ଅଧିକ ହେଉଛି ତୁଳସୀର ଗୁଣ; ସେଥିପାଇଁ ତୁଳସୀ ଶ୍ରୀକୃଷ୍ଣଙ୍କ ସବୁଠାରୁ ପ୍ରିୟ । ତେଣୁ ଯଦି କୌଣସି କାରଣରୁ ତାଙ୍କ ପୂଜା ପାଇଁ ଫୁଲ ନ ମିଳେ, ତେବେ ତୁଳସୀ ପତ୍ରରେ ତାଙ୍କ ପୂଜା କରାଯାଇପାରେ । ତୁଳସୀ ପତ୍ର ନ ମିଳିଲେ, ତାହାର ଶାଖାରୁ ଖଣ୍ଡେ; ଶାଖା ନ ମିଳିଲେ ତାହାର ଚେରର ଟୁକୁରାଟିଏ ଏବଂ ଯଦି ଚେର ବି ନ ମିଳେ, ତେବେ ତୁଳସୀ ଗଛ ଲାଗିଥିବା ମାଟି ଦ୍ୱାରା ପୂଜା କଲେ ସେ ସନ୍ତୁଷ୍ଟ ହୁଅନ୍ତି । ଏକାଧିକ ତୁଳସୀ ଲାଗିଥିବା ସ୍ଥାନଟି ବୃନ୍ଦାବନ ସମ ପବିତ୍ର ବୋଲି କୁହାଯାଏ । ଏହିଭଳି ସ୍ଥାନରେ ପିଣ୍ଡଦାନ ଆଦି କାର୍ଯ୍ୟ ଶୁଭ ମନେ ହୁଏ । ଘରୁ ବାହାରିବା ବେଳେ ଡାହାଣ ପାର୍ଶ୍ୱରେ ତୁଳସୀଙ୍କୁ ଦର୍ଶନ କରି ଗଲେ ସବୁ ମଙ୍ଗଳ ହୁଏ ବୋଲି ବିଶ୍ୱାସ ରହିଛି । ଶୁଦ୍ଧ ଜଳରେ ତୁଳସୀପତ୍ର ପକେଇ ବିଷ୍ଣୁମନ୍ତ୍ର ଜପ କରି ସ୍ନାନ କଲେ ସକଳ ତୀର୍ଥ ଜଳରେ ସ୍ନାନ କରିବାର ଫଳ ପ୍ରାପ୍ତି ହୁଏ ।







## ହବିଷ ପାଳନ

ପବିତ୍ର କାର୍ତ୍ତିକ ମାସରେ ଅଧିକାଂଶ ଲୋକ ଆମିଷ ବର୍ଜନ କରିବା ସହ ନିର୍ଦ୍ଦିଷ୍ଟ କେତୋଟି ଖାଦ୍ୟ ଗ୍ରହଣ କରିବାରେ ବାରଣ କରନ୍ତି । ପିଆଜ, ରସୁଣ, ହରଡ଼ ଡାଲି ଆଦିକୁ ତାମସିକ ଖାଦ୍ୟ ମନେ କରି ବର୍ଜନ କରାଯାଏ ଏବଂ ତେଲ, ବଟା ମସଲା, ହଳଦୀ ବିନା କେବଳ ଅରୁଆ ଅନ୍ନ, ମୁଗଡାଲି, କଞ୍ଚା କଦଳୀ, ମାଟିଆଳୁ, ନାଲିବୁଟ, ଲେମ୍ବୁ ବା କାଗଜି ଏବଂ କେବଳ ଜୀରା ଲଙ୍କା ଗୁଣ୍ଡକୁ ମସଲା ରୂପେ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଏ । ମାସଟା ଯାକ ଏହିଭଳି ସାତ୍ତ୍ୱିକ ଭୋଜନ ଗ୍ରହଣ କରି ହବିଷ ପାଳନ କରିବାର ବିଧି ରହିଛି । ହବିଷ ପାଳନ କରୁଥିବା ବିଧବା ସ୍ତ୍ରୀ ଲୋକମାନଙ୍କୁ ' 'ହବିଷ୍ୟାଳି' ବୋଲି କୁହାଯାଏ । ସେମାନେ ଏହି ପବିତ୍ର କାର୍ତ୍ତିକ ମାସରେ ବଡ଼ି ଭୋରରୁ ସ୍ନାନ ସାରି ତୁଳସୀ ଚଉରା ମୂଳରେ ମୁରୁଜ ପକେଇ ପୂଜା କରନ୍ତି । ସନ୍ଧ୍ୟାରେ ଆକାଶଦୀପ ଲଗାନ୍ତି । 'କାର୍ତ୍ତିକ ମାହାତ୍ମ୍ୟ' ପାଠ କରି ପୂଜାପାଠ, ଧ୍ୟାନ, ଭଜନ, କୀର୍ତ୍ତନରେ ସମୟ ବିତେଇ ଦିଅନ୍ତି। ସବୁ ପବିତ୍ର ତୀର୍ଥସ୍ଥଳରେ ବିଶେଷ କରି ପୁରୀରେ ବହୁସଂଖ୍ୟାରେ ହବିଷ୍ୟାଳିମାନଙ୍କର ସମାଗମ ହୁଏ ।





## ବିଶେଷ ପୂଜା ବିଧି

ପଞ୍ଚୁକ ଅର୍ଥାତ୍, କାର୍ତ୍ତିକ ପୂର୍ଣ୍ଣିମାର ପୂର୍ବ ପାଞ୍ଚଦିନ ଏବଂ ପୂର୍ଣ୍ଣିମା ଦିନ ତୁଳସୀ ଚଉରା ମୂଳକୁ ଗୋବର ବା ଗେରୁରେ ଲିପା ଯାଇ ପାଞ୍ଚ ବର୍ଣ୍ଣର ମୁରୁଜରେ ଚିତା ପଡ଼େ । ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଚିତ୍ର ମୁରୁଜରେ ଅଙ୍କନ କରି ପୂଜା କରାଯାଏ । ଦୀପାବଳି ପୂର୍ବରୁ ଚତୁର୍ଦ୍ଦଶୀ ଦିନକୁ ଧନ୍ୱନ୍ତରୀ ଜନ୍ମଦିବସ ବା 'ଧନତେରସ୍' ରୂପେ ପାଳନ କରାଯାଏ । ଧନ୍ୱନ୍ତରୀଙ୍କ ପୂଜା କଲେ ସବୁ ପ୍ରକାର ରୋଗ ଶୋକରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି, କାରଣ ସେ ହେଉଛନ୍ତି ହିନ୍ଦୁ ଧର୍ମର 'ଦିବ୍ୟ ଚିକିତ୍ସକ' ଓ 'ଆୟୁର୍ବେଦ ଦେବତା'; ଆରୋଗ୍ୟ, ଆୟୁ ଓ ସୁସ୍ଥତାର ପ୍ରତୀକ। କାର୍ତ୍ତିକ ମାସରେ ବିଷ୍ଣୁ ମନ୍ଦିର ସମାର୍ଜନା (ଓଳାଇବା) ଏବଂ ସ୍ୱସ୍ତିକ ଅଙ୍କନ କରି, ତୁଳସୀ ସେବା କଲେ ସେହି ବ୍ୟକ୍ତି ବିଷ୍ଣୁମୂର୍ତ୍ତି ରୂପେ ସମ୍ମାନ ପାଏ ବୋଲି କୁହାଯାଏ ।



କାର୍ତ୍ତିକ ମାସର ଶୁକ୍ଳପକ୍ଷ ଦ୍ୱାଦଶୀ ଦିନ ତୁଳସୀ ବିବାହ କରାଯାଏ, ଯେଉଁଠି ତୁଳସୀ ଦେବୀଙ୍କୁ ଶ୍ରୀବିଷ୍ଣୁ କିମ୍ବା ଶାଳଗ୍ରାମ ସହ ବିବାହ କରାଯାଏ । ଏହି ପର୍ବ ଦାମ୍ପତ୍ୟ ଜୀବନରେ ପ୍ରେମ ଏବଂ ସାମଞ୍ଜସ୍ୟ ବୃଦ୍ଧି ସହ ପରିବାରର ସମୃଦ୍ଧି ଓ ସୌଭାଗ୍ୟ ବଢ଼ାଏ ।

## ତୁଳସୀର ଔଷଧୀୟ ଗୁଣ

ଅନ୍ୟ ସବୁ ଗଛର ପତ୍ର ରୋଗ ହେଲା ପରେ ସେବନ କରାଯାଏ, ମାତ୍ର ତୁଳସୀ ପତ୍ର କୌଣସି ରୋଗ ନ ହେବା ପାଇଁ ସେବନ କରାଯାଏ । ଏହାକୁ ତ୍ରିଦୋଷ (ବାତ, ପିତ୍ତ, କଫ) ନାଶକ ବୋଲି କୁହାଯାଏ । ଶରୀରରେ ଏହି ତିନୋଟି ତତ୍ତ୍ୱର ସନ୍ତୁଳନ ରକ୍ଷା ଦ୍ୱାରା ଶରୀର ନିରୋଗ ରହେ । ତୁଳସୀ ଓ ଜଳ ପ୍ରତିଦିନ ସେବନ କଲେ ହୃଦୟ ଶାନ୍ତ ତଥା ମନ ନିର୍ମଳ ହୁଏ । ଏଣୁ ପବିତ୍ର ତୁଳସୀକୁ ମହୌଷଧୀ ରୂପେ ଗଣନା କରାଯାଇଛି ।

ଗଳାରେ ତୁଳସୀମାଳା ଧାରଣ କରୁଥିବା ବ୍ୟକ୍ତିଙ୍କର ଜୀବନୀ ଶକ୍ତି ବୃଦ୍ଧି ପାଏ, ରୋଗରୁ ମୁକ୍ତି ମିଳେ ଏବଂ ଭଗବାନଙ୍କ ସହିତ ନିବିଡ଼ ସମ୍ପର୍କ ରହିଥାଏ ବୋଲି ବିଶ୍ୱାସ ରହିଛି । ଶରୀରକୁ ନିର୍ମଳ ଏବଂ ସାତ୍ତ୍ୱିକ କରିବା ପାଇଁ ତୁଳସୀମାଳା ଧାରଣ କରିବାକୁ ଉପଦେଶ ଦିଆଯାଏ। ଏହା ପଛର ବୈଜ୍ଞାନିକ କାରଣ ହେଉଛି, ତୁଳସୀ ଶରୀରର ବିଦ୍ୟୁତ ସଂରଚନାକୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ କରେ । ତୁଳସୀମାଳା ପିନ୍ଧିଲେ ସ୍ୱର ସୁମଧୁର ହୁଏ, ଗଳାର ରୋଗ ହୁଏ ନାହିଁ ଏବଂ ମୁଖମଣ୍ଡଳରେ ତେଜ ଭରିଯାଏ । ହୃଦୟ ଉପରେ ଝୁଲିଥିବା ତୁଳସୀ ମାଳା ଫୁସ୍‌ଫୁସ୍ ଏବଂ ହୃଦୟ ଜନିତ ରୋଗରୁ ଶରୀରକୁ ରକ୍ଷା କରେ । ଏହାକୁ ଧାରଣ କରୁଥିବା ଲୋକଙ୍କ ଭିତରେ ସାତ୍ତ୍ୱିକତାର ସଞ୍ଚାର ହୁଏ । ତୁଳସୀ ରକ୍ତ ବିକାର, ଜ୍ୱର, କାଶ, କୃମି ଓ ବାୟୁଦୋଷ ନିବାରଣ ଏବଂ ହୃଦୟ ପାଇଁ ହିତକାରୀ ଅଟେ । ଧଳା ତୁଳସୀ ସେବନ ଫଳରେ ଚର୍ମ, ମାଂସପେଶୀ ଏବଂ ହାଡ଼ର ରୋଗ ଦୂର ହୁଏ । କଳା ତୁଳସୀ ସେବନ କରିବା ଦ୍ୱାରା ଶରୀରର ଧଳାଦାଗ ଦୂର ହୁଏ । ତୁଳସୀ ପତ୍ରରେ ଚା' କରି ପିଇଲେ ଜ୍ୱର, ଆଳସ୍ୟ, ଥକ୍କାପଣ ଏବଂ ବାତ ପିତ୍ତ ବିକାର ଦୂର ହୁଏ । ତୁଳସୀ ହିଁ ଏମିତି ଏକ ଗଛ, ଯିଏ ଦିନ ରାତି ସବୁବେଳେ ବାୟୁମଣ୍ଡଳକୁ ଅମ୍ଳଜାନ ପ୍ରଦାନ କରିଥାଏ । ଏଣୁ ତୁଳସୀ ଗଛ ଅଧିକ ମାତ୍ରାରେ ଘର ଅଗଣା ଓ ବାରିପଟେ ଲଗାଗଲେ, ତାହା ଶୁଦ୍ଧ ବାୟୁ ପ୍ରଦାନ କରେ ।



## ସର୍ବ ମଙ୍ଗଳକାରୀ ତୁଳସୀ



ତୁଳସୀ ନିତ୍ୟ ଦର୍ଶନ କଲେ ସର୍ବ ପାପ ନାଶ ଯାଏ, ସ୍ପର୍ଶ କଲେ ଶରୀର ପବିତ୍ର ହୁଏ, ପ୍ରଣାମ କଲେ ରୋଗ ନିବାରଣ ହୁଏ । ତୁଳସୀ ଜଳ ସିଞ୍ଚନ କଲେ ଯମରାଜ ମଧ୍ୟ ଭୟ ପାଆନ୍ତି । ଭଗବାନଙ୍କ ଚରଣରେ ତୁଳସୀ ଅର୍ପଣ କଲେ ବ୍ୟକ୍ତି ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ସେଥିପାଇଁ ହିନ୍ଦୁମାନେ ମରଣ ଆସନ୍ନ ବ୍ୟକ୍ତିଙ୍କ ମୁଖରେ ତୁଳସୀ ପତ୍ର ଓ ଗଙ୍ଗାଜଳ ଦିଅନ୍ତି, ଯଦ୍ୱାରା ପ୍ରାଣର ସଦ୍‌ଗତି ହୁଏ ବୋଲି ଗଭୀର ବିଶ୍ୱାସ ରହିଛି । ଘରେ ପ୍ରତିଦିନ ତୁଳସୀ ପୂଜା ହେଲେ କେବେ ବି ଦାରିଦ୍ର୍ୟ ଓ ଦୁର୍ଭାଗ୍ୟ ଗ୍ରାସ କରେ ନାହିଁ । କାର୍ତ୍ତିକ ମାସରେ ତୁଳସୀ ପୂଜନର ବିଶେଷ ଗ୍ରହଣୀୟତା ଥିଲେ ମଧ୍ୟ ଉପକାରୀ ତୁଳସୀ ସବୁବେଳେ ସମସ୍ତଙ୍କ ପାଇଁ ହିତକାରୀ । ତୁଳସୀ ଚଉରା ମୂଳେ ସକାଳେ ଓ ସନ୍ଧ୍ୟାରେ ଦୀପଟିଏ ଜାଳି ଗୃହିଣୀମାନେ ପରିବାରର ସକଳ ଶୁଭ ମନାସି ମୁଣ୍ଡିଆ ମାରନ୍ତି । ପବିତ୍ର ତୁଳସୀ ମାତ୍ର ଗଛଟିଏ ନୁହେଁ, ସେ ହେଉଛି ଶୁଭ, ସମୃଦ୍ଧି ଓ ଭକ୍ତିର ଜୀବନ୍ତ ପ୍ରତୀକ । ■

ବିବେକାନନ୍ଦ ମାର୍ଗ, ଭୁବନେଶ୍ୱରେ, ମା: ୬୩୭୦୫୧୬୪୭୮



ଡକ୍ଟର ତ୍ରିନାଥ ପଟ୍ଟନାୟକ

# ପଞ୍ଚକର ତାତ୍ପର୍ଯ୍ୟ



**ବାର ମାସ ମଧ୍ୟରେ ସବୁଠାରୁ ପବିତ୍ର ମାସ ହେଉଛି କାର୍ତ୍ତିକ ମାସ । ମନୋରମ ହେମନ୍ତ ଋତୁର ଆଦ୍ୟମାସ । ଧରଣୀ ଶୀତଳ । ପରିବେଶ ପରିଷ୍କାର । ଧରଣୀ ଶସ୍ୟ ଶ୍ୟାମଳା । ଏହି ମାସ ବିଷ୍ଣୁ ଉପାସନାର ମାସ । ଧାର୍ମିକ ଚିନ୍ତା ଚେତନାକୁ ପାଥେୟ କରି ଶ୍ରଦ୍ଧାଳୁ ମାସ ସାରା କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । ନଦୀ ତଡ଼ାଗରେ ସମସ୍ତେ ପ୍ରାତଃସ୍ନାନ କରନ୍ତି । ସାତ୍ତ୍ୱିକ ଆହାର ଭକ୍ଷଣ କରନ୍ତି । ଭଜନ କୀର୍ତ୍ତନ କରିବା ସହିତ ଦାନଧର୍ମ କରନ୍ତି । ବିଧବା ମହିଳାମାନେ ସ୍ୱର୍ଗତ ପତି ଦେବତାଙ୍କ ଶାନ୍ତି ଓ ସଦ୍‌ଗତି କାମନା କରି ହବିଷ ବ୍ରତ ପାଳନ କରନ୍ତି । ସେମାନେ ବର୍ଷସାରା ଏହି ପବିତ୍ର ମାସକୁ ଅପେକ୍ଷା କରିଥାନ୍ତି, ମାସ ସାରା 'କାର୍ତ୍ତିକ ମାହାତ୍ମ୍ୟ' ପୁରାଣ ପାଠ ତୁଳସୀ ଚଉରା ମୂଳେ କରାଯାଏ ।**

କାର୍ତ୍ତିକ ମାସରେ ପ୍ରାତଃସ୍ନାନ ମନ ଓ ଶରୀରରେ ପବିତ୍ରତା ଆଣି ଦେଇଥାଏ । ସ୍ନାନ ସମୟରେ ନାରୀମାନେ ବଟା ହଳଦୀ ସହିତ ଅଁଳାକୁ ଶରୀରରେ ଲେପନ କରିଥାନ୍ତି । ଯେଉଁମାନେ କାର୍ତ୍ତିକ ସ୍ନାନ କରି ଦୀପ ପ୍ରଦାନ କରିବେ ସେମାନେ ଷୋଡ଼ଷ କଳା ପ୍ରାପ୍ତ ହେବେ । ଧର୍ମଶାସ୍ତ୍ର କହେ ଯେଉଁମାନେ କାର୍ତ୍ତିକ ସ୍ନାନ ନ କରିବେ ପଶୁ ଯୋନି ପ୍ରାପ୍ତ ହେବେ ।

## ଆକାଶ ଦୀପ ପ୍ରଦାନ

ଦେବାଳୟଗୁଡ଼ିକରେ ତଥା ଓଡ଼ିଶାର ପ୍ରତ୍ୟେକ ଗ୍ରାମରେ କାର୍ତ୍ତିକ ମାସ ସାରା ଆକାଶ ଦୀପ ପ୍ରଦାନ କରାଯାଏ । ଗୋଟିଏ ସବୁଠାରୁ ଉଚ୍ଚ ବାଉଁଶ ଦେହରେ ଅରଟି ଯନ୍ତ୍ର ନିର୍ମାଣ କରି ଦଉଡ଼ି ଦ୍ୱାରା ଗୋଟିଏ ମାଟି ହାଣ୍ଡି ଓହଳା ଯାଏ । ହାଣ୍ଡିଟି ଛିଦ୍ର ଯୁକ୍ତ ଓ ଗୋଟିଏ ସରା ଘୋଡ଼ାଇ ଦିଆଯାଇଥାଏ । ସନ୍ଧ୍ୟା ସମୟରେ ପିତୃପୁରୁଷ ଓ ଦେବତାମାନଙ୍କ ଉଦ୍ଦେଶ୍ୟ ଦୀପ ରଖାଯାଇ ଉପରକୁ ରଶି ସାହାଯ୍ୟରେ ଉଠାଇ ଦିଆଯାଏ । ବିଧବା ସ୍ତ୍ରୀମାନେ ପତିଙ୍କ ଉଦ୍ଦେଶ୍ୟରେ ଘର ଅଗଣାରେ ତୁଳସୀ ଚଉରାମୂଳେ ଆକାଶ ବାଉଁଶ ପୋତିଥାନ୍ତି । ପ୍ରତ୍ୟେକ ଘରେ ଚଉରାମୂଳେ ମାସ ସାରା ରଙ୍ଗବେରଙ୍ଗର ମୁରୁଜ ପକାଇ ପୂଜା କରାଯାଏ । ସକାଳୁ ସନ୍ଧ୍ୟାରେ ଘୃତଦୀପ ପ୍ରଜ୍ୱଳନ କରାଯାଏ । ନଦୀ ତଟ ବା କୂଳରେ ନାରୀମାନେ ରାଇ-ଦାମୋଦର ପୂଜା କରିଥାନ୍ତି । ଗୀତ ଭଜନ ବୋଲି ଅଭିନୟ ମଧ୍ୟ କରିଥାନ୍ତି ।



## ପଞ୍ଚକ ପାଳନର ଉଦ୍ଦେଶ୍ୟ



କାର୍ତ୍ତିକ ମାସର ଶେଷ ପାଞ୍ଚଦିନକୁ (ଅର୍ଥାତ୍ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ) ପଞ୍ଚକ ବୋଲି କୁହାଯାଏ । ପଞ୍ଚନ୍+କ= ପଞ୍ଚକ । ଏହାକୁ ଗ୍ରାମ୍ୟଭାଷାରେ ପଞ୍ଚୁକ ବୋଲି ମଧ୍ୟ କୁହାଯାଇଥାଏ । ଯେଉଁମାନେ ମାସ ସାରା କାର୍ତ୍ତିକ ବ୍ରତ ପାଳନ କରି ନଥାନ୍ତି, ସେମାନେ ଯଦି ଏହି ପାଞ୍ଚଦିନ ନିଷ୍ଠାର ସହିତ ବ୍ରତ ରଖିବେ, ତେବେ କାର୍ତ୍ତିକ ବ୍ରତର ସମସ୍ତ ପୁଣ୍ୟ ପ୍ରାପ୍ତ ହେବେ । ପିତାମହ ଭୀଷ୍ମଙ୍କର କୌଣସି ସନ୍ତାନ ନ ଥିଲେ । ସେ ଥିଲେ ଆଜୀବନ ବ୍ରହ୍ମଚାରୀ ଅବିବାହିତ । ତାଙ୍କୁ ସ୍ମରଣ କରିବା ନିମନ୍ତେ ଏହି ପାଞ୍ଚଦିନ ବ୍ରତକୁ 'ଭୀଷ୍ମ ପଞ୍ଚକ' ବୋଲି ପୁରାଣ ଶାସ୍ତ୍ରମାନଙ୍କରେ କୁହାଯାଇଛି । ଏହି ବ୍ରତ ସେହିମାନଙ୍କ ନିମନ୍ତେ ପ୍ରଯୁଜ୍ୟ ଯେଉଁମାନେ କୌଣସି କାରଣ ଯୋଗୁଁ କାର୍ତ୍ତିକ ମାସ ସାରା ବ୍ରତ ରଖି ପାରନ୍ତି ନାହିଁ । ସେହିମାନେ ନିଷ୍ଠାର ସହ ପ୍ରାତଃସ୍ନାନ, ତୁଳସୀ ଚଉରାମୂଳେ ଦେବପୂଜନ, ମନ୍ଦିରଗୁଡ଼ିକରେ ଠାକୁର ଦର୍ଶନ କରିବା ଦ୍ୱାରା ପବିତ୍ର କାର୍ତ୍ତିକ ମାସକ ପୁଣ୍ୟ ଫଳ ପ୍ରାପ୍ତ ହୋଇଥାଏ । ଯେଉଁମାନେ ପଞ୍ଚକ ପାଳନ କରନ୍ତି, ସେମାନେ ଚତୁଃମାସ୍ୟାବ୍ରତର ଫଳ ପ୍ରାପ୍ତ ହୋଇଥାନ୍ତି ।

## ଆମିଷ ଭକ୍ଷଣ ନିଷେଧ

ଅନ୍ୟ ଅର୍ଥରେ ଏହି ପଞ୍ଚକର ନାମ 'ବକ ପଞ୍ଚକ' ମଧ୍ୟ । ଏହି ପାଞ୍ଚଦିନ ଆମିଷ ଭକ୍ଷଣ ମନା । ଏପରିକି ବଗ ମଧ୍ୟ ମାଛ ଖାଏ ନାହିଁ । ଲକ୍ଷ୍ୟ କରାଯାଇଛି ବଗ ମଧ୍ୟ ଧର୍ମ ଅର୍ଜନ କରିବା ନିମନ୍ତେ ଅଭକ୍ଷ ଭକ୍ଷଣ ନ କରି ବ୍ରତ ପାଳନ କରେ । ପୁଣ୍ୟ ଅର୍ଜନ କରେ । ଅନ୍ୟ ଏକ କାରଣ ଋତୁର ପରିବର୍ତ୍ତନ ଯୋଗୁଁ ବଗ ଥଣ୍ଟରେ



ଏକ ପ୍ରକାର ରୋଗ ହୁଏ, ସେ ଖାଇପାରେ ନାହିଁ । ଆଉ ମଧ୍ୟ ଏହି ସମୟରେ ମାଛମାନଙ୍କ ଦେହରେ ଏକ ପ୍ରକାର ଚର୍ମ ରୋଗ ହୁଏ । ଘାଆ ହୋଇ ମାଂସ ଝଡ଼ି ଯାଏ । ବୈଜ୍ଞାନିକ ଦୃଷ୍ଟିକୋଣରୁ କାର୍ତ୍ତିକ ମାସ ସାରା ବିଶେଷତଃ ପଞ୍ଚକ ପାଞ୍ଚଦିନ ଯାଏ ମାଛ ଭକ୍ଷଣ ଅନୁଚିତ । ସେଥିପାଇଁ ପବିତ୍ର ପଞ୍ଚକରେ ମାଛ, ମାଂସ ଭକ୍ଷଣକୁ ମନା କରାଯାଇଛି ।

ହିନ୍ଦୁ ଘରର ପରମ୍ପରା ଅନୁସାରେ ତୁଳସୀ ଚଉରା ପୂଜା ଓ ଆରାଧନା ବିଷ୍ଣୁ ନାମ ସ୍ମରଣ କାର୍ତ୍ତିକ ମାସର ମୁଖ୍ୟ ଉଦ୍ଦେଶ୍ୟ । ■

ସମ୍ପାଦକ, ପୁରାଣ ପତ୍ରିକା, ନିଆଳୀ, ଜି-କଟକ, ପିନ୍-୭୫୪୦୦୪
ମୋ: ୯୯୩୭୮୪୦୩୮୭



ଚାଲିଛି ପବିତ୍ର କାର୍ତ୍ତିକ ମାସ। ହିନ୍ଦୁ ଧର୍ମରେ ଏହି ମାସର ବିଶେଷ ମହତ୍ତ୍ୱ ଅଛି। ଏହା ଧର୍ମ ମାସ ହୋଇଥିବାରୁ ଶାସ୍ତ୍ରରେ ଖାଦ୍ୟ ପାନୀୟକୁ ନେଇ ଅନେକ ନୀତି ନିୟମ କଥା କୁହାଯାଇଛି। ଏହାକୁ ପାଳନ କଲେ ସ୍ୱାସ୍ଥ୍ୟ ଭଲ ରହିବା ସହିତ ଲକ୍ଷ୍ମୀ ନାରାୟଣଙ୍କ କୃପା ପ୍ରାପ୍ତି ହୁଏ। ତେବେ କାର୍ତ୍ତିକ ମାସରେ ଖାଦ୍ୟ କଥା ଉଠିଲେ ହବିଷ୍ୟାନ୍ନ ଖୋଜା ପଡ଼େ। ହବିଷ ଅନ୍ନରେ ମନ୍ଦିର ଓ ଘର ମହକି ଥାଏ। ହବିଷ୍ୟାନ୍ନକୁ ନେଇ ଏହି ବିଶେଷ ଉପସ୍ଥାପନା।





# ହବିଷ୍ୟାନ୍ନରେ ମହକୁଛି ଘର



## ନିର୍ଜନ ସ୍ଥାନରେ ରୋଷେଇ

ମନ୍ଦିର ଡାଲମା ଭଳି ହବିଷ ଡାଲମାକୁ ବିଶେଷ ନୀତି ନିୟମରେ ପ୍ରସ୍ତୁତ କରାଯାଏ। କୁହାଯାଏ ହବିଷ ଡାଲମା ପ୍ରସ୍ତୁତି ବେଳେ କେହି ଦେଖନ୍ତି ନାହିଁ। ତେଣୁ ଏହାକୁ ଏକାନ୍ତ ବା ନିର୍ଜନ ସ୍ଥାନରେ ରନ୍ଧାଯାଏ। ଅନ୍ୟପଟେ 'କାର୍ତ୍ତିକ ମାହାତ୍ମ୍ୟ'ରେ ବି ହବିଷ ଡାଲମା କଥା ଉଲ୍ଲେଖ ଅଛି। ଏପରିକି ଏଥିରେ କେଉଁ ପରିବା ବ୍ୟବହାର କରାଯାଏ, ସେ ସମ୍ପର୍କରେ କୁହାଯାଇଛି।

## ଅଣବଘରା ହବିଷ ଡାଲମା

ସାଧାରଣ ଡାଲମାଠାରୁ ସମ୍ପୂର୍ଣ୍ଣ ଭିନ୍ନ ହବିଷ ଡାଲମା। ଏଥିରେ ହଳଦୀ, ପିଆଜ, ରସୁଣ କିମ୍ବା କୌଣସି ମସଲା ଆଦି ବ୍ୟବହାର କରାଯାଇ ନ ଥାଏ। ହବିଷ ଡାଲମାକୁ କଞ୍ଚା ମୁଗ ଡାଲିରେ ପ୍ରସ୍ତୁତ କରାଯାଏ। ସେହିପରି ଏହାକୁ ଗୋଟା ମୁଗ ଓ ଚୋପା ଛଡ଼ା ମୁଗରେ ତିଆରି କରାଯାଏ। କଦଳୀ, ସାରୁ ଏବଂ ଓଉ ଏଥିରେ ପଡ଼େ। କନ୍ଦମୂଳ ଓ ପାଳୁଅ ମଧ୍ୟ ଅନେକ ସ୍ଥାନରେ ଏଥିରେ ପକାଯିବାର ଦୃଷ୍ଟାନ୍ତ ରହିଛି। ତା'ସହ ଏଥିରେ ଅଗସ୍ତି ଶାଗ ମଧ୍ୟ ପଡ଼ିଥାଏ। ସେହିପରି ହବିଷ ଡାଲମାରେ ହଳଦୀ ବ୍ୟବହାର କରାଯାଏ ନାହିଁ। ଅର୍ଥାତ୍ ବିନା ହଳଦୀରେ ପ୍ରସ୍ତୁତ କରାଯାଏ ଏବଂ ଅଗସ୍ତି ଶାଗ ପକାଯାଉଥିବାରୁ ଛୁଙ୍କ ମଧ୍ୟ ହୁଏ ନାହିଁ। ତେଣୁ ଏହାକୁ ଅଣବଘରା ଡାଲମା ବୋଲି କୁହାଯାଏ। ଅନ୍ୟପଟେ ଘିଅ କିମ୍ବା ନଡ଼ିଆ ନିୟମ ଦୃଷ୍ଟିରୁ ବ୍ୟବହାର ହେବା କଥା ନୁହେଁ, ଆଜିକାଲି ଘିଅ ଓ ନଡ଼ିଆର ବ୍ୟବହାର କରାଯାଉଛି। ଲଙ୍କା ବଦଳରେ ଏହି ଡାଲମାରେ ଅଦାକୁ ଉପଯୋଗ କରାଯାଏ।

## କାର୍ତ୍ତିକରେ ସ୍ୱତନ୍ତ୍ରତା ବେଶି

ବର୍ତ୍ତମାନ କାର୍ତ୍ତିକ ମାସରେ କାର୍ତ୍ତିକ ଖାଦ୍ୟର ଚାହିଦା ବେଶି। ବିଶେଷକରି ଘିଅ ଅନ୍ନ, ହବିଷ ଡାଲମା, ଶାଗ ଭଜା, କଦଳୀ ଭଜା, ଓଉ ଖଟା ଆଦି ଘରେ ଘରେ ପ୍ରସ୍ତୁତ କରାଯାଉଛି। ସେହିପରି କିଛି ହେଉ ଅବା ନ ହେଉ କାର୍ତ୍ତିକ ସୋମବାରରେ ଅରୁଆ ଅନ୍ନ ଏବଂ ହବିଷ ଡାଲମା ହେବା ଥୟ। ହବିଷ ଡାଲମା ଗୋଟେ ସମୟରେ କେବଳ ବ୍ରତଧାରୀ ତଥା ହବିଷ୍ୟାଳିମାନେ ଖାଉଥିଲେ। ଆଜିକାଲି ଏହାକୁ ଘରେ ଘରେ ପ୍ରସ୍ତୁତ କରାଯାଇ ସ୍ୱାଦିଷ୍ଟ ଲାଗିବା ପାଇଁ ବଘରା ବି ଯାଉଛି। ତେବେ ଏହି ମାସରେ ଅନେକ ଲୋକ ଆମିଷ ଖାଇ ନ ଥାନ୍ତି। ତେଣୁ କାର୍ତ୍ତିକ ମାସରେ ହବିଷ ଡାଲମା କେବଳ ଘରେ ନୁହେଁ, ବରଂ ହୋଟେଲ ମନ୍ଦିରଗୁଡ଼ିକରେ ହବିଷ୍ୟାନ୍ନ ପ୍ରସ୍ତୁତ କରାଯାଉଛି। ସେହିପରି ଏହାର ପ୍ରଚାର ଓ ଲୋକପ୍ରିୟତା ବୃଦ୍ଧି ଲାଗି ସାମାଜିକ ଗଣମାଧ୍ୟମରେ ଅନେକ ଲୋକ ହବିଷ ଡାଲମାର ପ୍ରସ୍ତୁତି ପ୍ରଣାଳୀର ଫଟୋ ତଥା ଭିଡିଓ ସେୟାର୍ କରୁଛନ୍ତି। ଏହିପରି ଭାବେ ଓଡ଼ିଆ ଘରର ଏହି ପାରମ୍ପରିକ ଖାଦ୍ୟ ପଦାର୍ଥ ଏକପ୍ରକାର ରାଜ୍ୟ ତଥା ରାଜ୍ୟ ବାହାରେ ପହଞ୍ଚି ପାରୁଛି। ■



## ଏକବକ୍ତ ହବିଷ୍ୟାନ୍ନ

ହବିଷ୍ୟାନ୍ନ ହେଉଛି ଏକ ବିଶେଷ ସାତ୍ତ୍ୱିକ ଆହାର। ଏଥିରେ ଅରୁଆ ଅନ୍ନ, ହବିଷ ଡାଲମା, ଗଇଁଠା ଏବଂ ଅଗସ୍ତି ଶାଗ ସାମିଲ ଥାଏ। କାର୍ତ୍ତିକ ବ୍ରତ ଓ ବଡ଼ ଓଷା ପାଳନ କରୁଥିବା ବ୍ରତଧାରୀ ଏକବକ୍ତ ହବିଷ୍ୟାନ୍ନ ଗ୍ରହଣ କରନ୍ତି। ବ୍ରତଧାରୀମାନେ ସୂର୍ଯ୍ୟାସ୍ତ ପୂର୍ବରୁ ଗୋଟିଏ ଥର ବା ବେଳିକିଆ ଭାବରେ ହବିଷ୍ୟାନ୍ନ ଗ୍ରହଣ କରିବାର ବିଧି ଅଛି। ଯାହାକୁ ଏକବକ୍ତ ବୋଲି କୁହାଯାଉଛି। ଦିନକୁ ଥରେ ଖିଆ ଯାଉଥିବା ଏହି ଖାଦ୍ୟ ଦିନକ ପାଇଁ ଶାରୀରିକ ଶକ୍ତି ଓ ପୁଷ୍ଟି ଯୋଗାଏ। ଏଥିରେ ପୁଷ୍ଟିସାର ଓ ଜୀବସାର ଅଧିକ।

## ହବିଷ୍ୟାଳିଙ୍କ ପାଇଁ ଉର୍ଦ୍ଦିଷ୍ଟ

କାର୍ତ୍ତିକ ମାସରେ ହବିଷ ଡାଲମାର ଚାହିଦା ଅଧିକ। ବିଶେଷକରି କାର୍ତ୍ତିକ ସୋମବାରରେ ଏହାକୁ ଘରେ ଘରେ ପ୍ରସ୍ତୁତ କରାଯାଇଥାଏ। ସାଧାରଣତଃ ଦୁଃଖରେ ହବିଷ ଖାଦ୍ୟ ଖିଆ ଯାଏ। ଏଣୁ ଏହା ମନ୍ଦିର ଭଳି ରାଜସୁଖର ଡାଲମା ନୁହେଁ। ଏହା ନିରସ ଖାଦ୍ୟ। ଏହି ହବିଷ ଡାଲମା ବିଶେଷକରି ହବିଷ୍ୟାଳିଙ୍କ ପାଇଁ ଉଦ୍ଦିଷ୍ଟ। ହେଲେ ଆଜିକାଲି ଏହା କେବଳ ବ୍ରତଧାରୀଙ୍କଠାରେ ସୀମିତ ନାହିଁ, ଅନ୍ୟମାନେ ବି ଏହାକୁ ଘରେ ପ୍ରସ୍ତୁତ କରୁଛନ୍ତି। ଅବଶ୍ୟ ବ୍ରତଧାରୀଙ୍କ ଠାରୁ ଏହାର ପ୍ରସ୍ତୁତି ପ୍ରଣାଳୀ ସେମାନଙ୍କର ଭିନ୍ନ ହୋଇଥାଏ।

# ପଞ୍ଚୁକରେ ପଞ୍ଚତୀର୍ଥ

କାର୍ତ୍ତିକକୁ ପରମ ପାବନ ମାସ, ଧର୍ମ ମାସ ଓ ପୁଣ୍ୟ ମାସ ବୋଲି କୁହାଯାଏ । କାର୍ତ୍ତିକ ମାସରେ ସ୍ନାନ, ଦାନ, ଧର୍ମ, ବ୍ରତ ଆଦିର ବିଶେଷ ମହତ୍ତ୍ୱ ରହିଛି । କାର୍ତ୍ତିକ ମାସରେ କାର୍ତ୍ତିକ ସ୍ନାନ କରି ସ୍ୱୟଂ ପରମେଶ୍ୱର ଭଗବାନଙ୍କୁ ଆରାଧନା କଲେ ମଣିଷ ଗତି, ମୁକ୍ତି, ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ଗଭୀର ବିଶ୍ୱାସ ରହିଛି । ଏଣୁ ହବିଷ୍ୟାଳିମାନେ ନଦୀ, ପୋଖରୀ, ସମୁଦ୍ର ଆଦି ସ୍ଥାନରେ ପ୍ରାତଃସ୍ନାନ କରିଥାନ୍ତି । ସେହିପରି କାର୍ତ୍ତିକ ମାସରେ ପଞ୍ଚୁକ ପାଞ୍ଚ ଦିନର ସ୍ୱତନ୍ତ୍ରତା ରହିଛି । ପଞ୍ଚୁକରେ ହବିଷ୍ୟାଳିମାନେ ଶ୍ରୀକ୍ଷେତ୍ରରେ ଥିବା ପଞ୍ଚତୀର୍ଥରେ ସ୍ନାନ କରି ପ୍ରଭୁଙ୍କ ଦର୍ଶନ କରିଥାନ୍ତି । ଏହି ପଞ୍ଚତୀର୍ଥରେ ବୁଡ଼ ପକାଇଲେ ତୀର୍ଥ ଯାତ୍ରା ସଫଳ ହୁଏ ବୋଲି କୁହାଯାଏ । ତେଣୁ କାର୍ତ୍ତିକ ମାସରେ ହବିଷ୍ୟାଳିମାନେ କାର୍ତ୍ତିକ ବ୍ରତ ପାଳନ କରି ପଞ୍ଚତୀର୍ଥ କରିଥାନ୍ତି । ସେହିପରି 'ଜଗନ୍ନାଥ ଚରିତାମୃତ'ରେ କୁହାଯାଇଛି, ଶ୍ରୀକ୍ଷେତ୍ରରେ ପଞ୍ଚତୀର୍ଥ ଉଭୟ ଭକ୍ତି ଓ ମୁକ୍ତି ପ୍ରଦାୟକ । ପଞ୍ଚତୀର୍ଥରେ ସ୍ନାନ କଲେ ପୁର୍ନଜନ୍ମ ହୁଏ ନାହିଁ । ପୁରୀରେ ଥିବା ପବିତ୍ର ପଞ୍ଚତୀର୍ଥକୁ ନେଇ ଏହି ଉପସ୍ଥାପନା ।



## ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ

ଗୁଣ୍ଡିଚା ମନ୍ଦିର ପାଖରେ ଅବସ୍ଥିତ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ନାମ ଅନୁସାରେ ଏହି ପୁଷ୍କରଣୀ ରହିଛି । ମହାକାର୍ତ୍ତିକ ମାସରେ ଦାନ, ଧର୍ମ ସହିତ ଏହି ପବିତ୍ର ପୁଷ୍କରିଣୀରେ ହବିଷ୍ୟାଳିମାନେ ସ୍ନାନ କରିଥାନ୍ତି । ରାଜା ଇନ୍ଦ୍ରଦ୍ୟୁମ୍ନ ଯଜ୍ଞ ସମୟରେ ଗୋଦାନ କରି, ଶହସ୍ର ଶହସ୍ର ଗାଇ ଆଣି ଏଠାରେ ରଖିଥିଲେ । ଗାଇଙ୍କ ଖୁରାରୁ ଖନନ ହୋଇ ଏହି ପୁଷ୍କରଣୀ ସୃଷ୍ଟି ହୋଇଥିଲା । ଅବଶ୍ୟ ଇତିହାସରେ ଏହାକୁ ନେଇ ଅନେକ ତଥ୍ୟ ଲିପିବଦ୍ଧ ହୋଇ ରହିଛି । ସେହିପରି ମନ୍ଦିର ନିର୍ମାଣ ସମୟରେ ବଡ଼ ବଡ଼ ପଥର ବୋହି ଶ୍ରମିକ ବା କାରିଗରମାନେ ଏହି ପୁଷ୍କରିଣୀରେ କୁର୍ମ ହୋଇ ଯାଇଥିଲେ ବୋଲି ପ୍ରବାଦ ରହିଛି । ଏଠାରେ ନୀଳକଣ୍ଠଶ୍ୱର ମନ୍ଦିର ରହିଛି ।

## ମାର୍କଣ୍ଡେଶ୍ୱର ପୁଷ୍କରିଣୀ



ପୁରୀ ତୀର୍ଥ ଭ୍ରମଣର ଆଦ୍ୟସ୍ଥଳ ଭାବେ ପରିଚିତ ମାର୍କେଣ୍ଡଶ୍ୱର ପୁଷ୍କରିଣୀ । ଚାରି ଏକର ସ୍ଥାନରେ ଏହି ପୁଷ୍କରିଣୀ ରହିଛି । ଏଠାରେ ମାର୍କଣ୍ଡେଶ୍ୱର ଶିବ ମନ୍ଦିର ଅବସ୍ଥିତ । ଏହା ପ୍ରଭୁ ଶିବଙ୍କର ଅତି ପୁରାତନ ମନ୍ଦିର ଭାବେ ପ୍ରସିଦ୍ଧ । ମାର୍କଣ୍ଡେଶ୍ୱର ପୁଷ୍କରିଣୀରେ ସ୍ନାନ କରି ଶିବ ଦର୍ଶନ କରନ୍ତି ଶ୍ରଦ୍ଧାଳୁ । ଏହା ସହ ବହୁ ଆଧ୍ୟାତ୍ମିକ ଭାବନା ଯୋଡ଼ି ହୋଇ ରହିଛି । ଏହି ପୁଷ୍କରଣୀରେ ଥିବା ମନ୍ଦିରକୁ ଋଷି ମାର୍କଣ୍ଡେୟ ପ୍ରତିଷ୍ଠା କରିଥିଲେ । ଏହା ପବିତ୍ର ପୁଷ୍କରିଣୀ ମଧ୍ୟରୁ ଗୋଟିଏ । ଏଠାକୁ ପ୍ରତିଦିନ ଅନେକ ଶ୍ରଦ୍ଧାଳୁ ଆସିଥାନ୍ତି । ଏଠାରେ ସ୍ନାନ କଲେ ବହୁ ପୁଣ୍ୟ ମିଳିଥାଏ ।



## ଶ୍ୱେତଗଙ୍ଗା


ପଞ୍ଚତୀର୍ଥ ମଧ୍ୟରେ ଶ୍ୱେତଗଙ୍ଗାର ମାହାତ୍ମ୍ୟ ଅନ୍ୟତମ । ଏହା ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାରରୁ ୧୦୦ ମିଟର ଦୂରରେ ରହିଛି । ପୁରାଣରେ ଏହାର ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି । ଏହାକୁ ଶ୍ୱେତ ରାଜା ନିର୍ମାଣ କରିଥିଲେ । ବିଶ୍ୱାସ ରହିଛି ଏହି ପୁଷ୍କରିଣୀର ସଂଯୋଗ ଗଙ୍ଗା ନଦୀ ସହ ରହିଛି । ଏଠାରେ ଜଣେ ସାଧୁ ବୁଡ଼ ପକାଇ ଗଙ୍ଗା କୂଳରେ ବାହାରି ଥିଲେ । ତେବେ ମୃତ ବ୍ୟକ୍ତିଙ୍କର ଶେଷକୃତ୍ୟ ପିଣ୍ଡ କାର୍ଯ୍ୟ ଏହି ପୁଷ୍କରିଣୀ କୂଳରେ କରାଯାଇଥାଏ ।

## ରୋହିଣୀ କୁଣ୍ଡ

ଜଗନ୍ନାଥ ମନ୍ଦିର ପରିସର ବିମଳା ମନ୍ଦିର ନିକଟରେ ପବିତ୍ର ରୋହିଣୀ କୁଣ୍ଡ ରହିଛି । ଏହା ନାରାୟଣଙ୍କ ନିବାସ ଭାବେ ଜଣାଯାଏ । ପୁରାଣ ଅନୁସାରେ ଏଠାରେ ଥିବା ପବିତ୍ର ଅଶ୍ୱତ୍ଥ ବୃକ୍ଷ 'ଅକ୍ଷୟ କଳ୍ପବଟ' ଭାବରେ ପୂଜା ପାଇଥାଏ । ଜାରା ଶବର ଭୁଲବଶତଃ ତୀର ବିଦ୍ଧ କରି ତାଙ୍କ ଶବ ସତ୍କାର କରିଥିଲା । କୃଷ୍ଣ ଏକ ଗଣ୍ଡିରେ ରୂପାନ୍ତରିତ ହୋଇ ସାଗରରୁ ରୋହିଣୀ କୁଣ୍ଡ ଯାଏ, ଭାସିବେ ବୋଲି ଜାରାଙ୍କୁ ସ୍ୱପ୍ନାଦେଶ ଦେଇଥିଲେ । ରୋହିଣୀ କୁଣ୍ଡରୁ ଦାରୁ ପ୍ରାପ୍ତି ପରେ ବିଗ୍ରହ ସୃଷ୍ଟି ହୋଇଛି । ତେଣୁ ରୋହିଣୀ କୁଣ୍ଡର ଜଳ ସିଞ୍ଚନ କଲେ, ତାହା ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇବା ସହ ସମାନ ବୋଲି କୁହାଯାଏ ।



## ତୀର୍ଥରାଜ ମହୋଦଧି



ଶ୍ରୀକ୍ଷେତ୍ରର ସମୁଦ୍ରକୁ ତୀର୍ଥରାଜ ମହୋଦଧି କୁହାଯାଏ । ବ୍ରହ୍ମପୁରାଣ, ସ୍କନ୍ଦପୁରାଣ, ବାମଦେବ ସଂହିତା, କପିଳ ସଂହିତା ଆଦି ଗ୍ରନ୍ଥରେ ମହୋଦଧିର ମାହାତ୍ମ୍ୟ ଉଲ୍ଲେଖ କରାଯାଇଛି । ଏହି ସାଗରରେ ବିଷ୍ଣୁଙ୍କର ପ୍ରଥମ ଅବତାର ଅର୍ଥାତ୍ ମତ୍ସ୍ୟ ଅବତାର ପ୍ରକଟ ହୋଇଥିଲା ବୋଲି କୁହାଯାଇଛି । ସେହିପରି ଏଠାରେ ପିଣ୍ଡଦାନ ଓ ବୁଡ଼ ପକାଇଲେ ମୁକ୍ତି ମିଳେ । ଏହି ସ୍ଥାନରେ ଦେହତ୍ୟାଗ କଲେ ମୋକ୍ଷ ଗତି ହୁଏ ବୋଲି କୁହାଯାଏ । ମହୋଦଧିର ଗୋଟିଏ ଘାଟ ସ୍ୱର୍ଗଦ୍ୱାର । ତୀର୍ଥରାଜର ମହୋଦଧିରେ ସ୍ନାନ କଲେ ସକଳ ତୀର୍ଥର ପୁଣ୍ୟତା ଗୋଟିଏ ସ୍ଥାନରେ ମିଳିଥାଏ । ତେଣୁ କାର୍ତ୍ତିକ ମାସରେ ମହୋଦଧି ସ୍ନାନର ସ୍ୱତନ୍ତ୍ରତା ରହିଛି । ■







# କାର୍ତ୍ତିକ ପୂର୍ଣ୍ଣିମା ଓ ନୌବାଣିଜ୍ୟ ପରମ୍ପରା



ଡକ୍ଟର ପ୍ରମୋଦ କୁମାର ପଣ୍ଡା

**କାର୍ତ୍ତିକ ଏକ ପୁଣ୍ୟ ମାସ । କାର୍ତ୍ତିକ ମାସର ଅନ୍ତିମ ତିଥି କାର୍ତ୍ତିକ ପୂର୍ଣ୍ଣିମା । ଏହିଦିନ କାର୍ତ୍ତିକ ବ୍ରତ ଉଦ୍‌ଯାପିତ ହୁଏ । ହବିଷ୍ୟାଳି ଓ ଭକ୍ତମାନେ ବ୍ରତ ସମାପନ କରନ୍ତି । ଦେବାଧିଦେବ ମହାଦେବ ଦେବଶିଳ୍ପୀ ବିଶ୍ୱକର୍ମା ନିର୍ମିତ ଭବ୍ୟ ଧନୁ ପିନାକ ସାହାଯ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ବଧ କରିଥିଲେ । ତେଣୁ ତାଙ୍କ ନାମ ତ୍ରିପୁରାରୀ ଓ କାର୍ତ୍ତିକ ପୂର୍ଣ୍ଣିମାର ନାମ ତ୍ରିପୁରୀ ପୂର୍ଣ୍ଣିମା ହୋଇଛି । ପୂର୍ଣ୍ଣିମା ପୂଜା ଧାର୍ମିକ, ଆଧ୍ୟାତ୍ମିକ ଓ ଐତିହାସିକ ଗୁରୁତ୍ୱ ବହନ କରେ । ଓଡ଼ିଆ ସାଧବ ପୁଅଙ୍କ ଅତୀତ ନୌବାଣିଜ୍ୟ କଥା ଓ ଗାଥା ସ୍ମରଣ କରି ପ୍ରତୀକାତ୍ମକ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୁଏ । ଏହାକୁ ପୋତ ବନ୍ଦାପନା ମଧ୍ୟ କୁହାଯାଏ । ପୋତର ଦେଶଜ ଶବ୍ଦ ଡଙ୍ଗା, ବୋଇତ ବା ନଉକା । ତେଣୁ ଡଙ୍ଗା ଭସା ବୋଇତ ବନ୍ଦାଣ ଉତ୍ସବର ଅନ୍ୟ ନାମ ।**

## ଆ- କା-ମା- ବୈ...

ହବିଷ୍ୟାଳି, ମହିଳା ଭକ୍ତ ଓ ସଧବା କୁଳବଧୂମାନେ କାର୍ତ୍ତିକ ପୂର୍ଣ୍ଣିମୀରେ ପ୍ରାତଃକାଳରୁ ନିତ୍ୟକର୍ମ ସମାପନ କରି ନୂତନ ବସ୍ତ୍ର ଧାରଣ କରନ୍ତି । ପୂଜା ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ସହିତ ନିକଟସ୍ଥ ନଦୀ, ପୋଖରୀ, ଜଳାଶୟ ଅଥବା ସମୁଦ୍ର କୂଳରେ ଏକାଠି ହୁଅନ୍ତି । କାଗଜ, କଦଳୀ ପଟୁଆ, ଶୋଲ କିମ୍ବା ଅନ୍ୟ କୌଣସି ବସ୍ତୁରୁ ପ୍ରସ୍ତୁତ ରଙ୍ଗବେରଙ୍ଗ ଭାସମାନ ଡଙ୍ଗା ଉପରେ ପାନ, ଗୁଆ, ହଳଦୀ, ସୋରିଷ, ଜଳନ୍ତା ଦୀପ କିମ୍ବା ମହମବତୀ ଥୋଇ "ଆ, କା, ମା, ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର..." ଗୀତ ସମବେତ ସ୍ୱରରେ ଗାନ କରି ବୋଇତ ବନ୍ଦାଣ କରିଥାନ୍ତି । ପରେ ଅତ୍ୟନ୍ତ ଉତ୍ସାହର ସହ ପାଣିରେ ବୋଇତ ଭସାଇଥାନ୍ତି । ପୁରୀରେ ଏହି ପର୍ବ ପଞ୍ଚତୀର୍ଥ ଓ ସମୁଦ୍ରରେ ପାଳିତ ହୋଇଥାଏ । ଭକ୍ତ ଓ ହବିଷ୍ୟାଳି ସମୁଦ୍ର, ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା ଓ ମାର୍କଣ୍ଡ ପୁଷ୍କରିଣୀରେ ବୋଇତ ବନ୍ଦାଣ ଉତ୍ସବ ପାଳିଥାନ୍ତି । ଏହା ପାରମ୍ପରିକ ଓଡ଼ିଆ ସାମୁଦ୍ରିକ ନୌବାଣିଜ୍ୟର ପ୍ରତୀକାତ୍ମକ ପର୍ବ ।

## କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ

କାର୍ତ୍ତିକ ପୂର୍ଣ୍ଣିମାରେ ଓଡ଼ିଆ ସାଧବ ପୁଅ ବଣିଜ ବେପାର ପାଇଁ ସମୁଦ୍ର ପଥରେ ବିଦେଶ ଯାତ୍ରା କରୁଥିଲେ । କାର୍ତ୍ତିକ ପୂର୍ଣ୍ଣିମା ପୁଣ୍ୟ ମାସର ମହେନ୍ଦ୍ର ତିଥି ଭାବେ ପରିଚିତ । ଗ୍ରେଗୋରିଆନ୍ କ୍ୟାଲେଣ୍ଡର ଅନୁଯାୟୀ ଏହା ଇଂରାଜୀ ମାସ ନଭେମ୍ବରରେ ପଡ଼ିଥାଏ । ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ନଭେମ୍ବର ମାସରେ ଉତ୍ତର ଗୋଲାର୍ଦ୍ଧରୁ ଦକ୍ଷିଣ ଗୋଲାର୍ଦ୍ଧକୁ ଧୀରେ ଧୀରେ ଅପସାରିତ ହୁଏ । ପ୍ରତ୍ୟାବର୍ତ୍ତିତ ମୌସୁମୀ ବାୟୁ ଉତ୍ତର-ପୂର୍ବ ଦିଗରୁ ଦକ୍ଷିଣକୁ ବହେ । ପାଲଟଣା ବୋଇତ ପାଇଁ ଏହା ଅନୁକୂଳ ହୋଇଥାଏ । ଦୀପାବଳିରେ ଧନର ଦେବୀ ମାଁ ଲକ୍ଷ୍ମୀଙ୍କ ପୂଜା ଆରାଧନା ପରେ ବ୍ୟବସାୟୀ ବେପାର ପାଇଁ ପ୍ରସ୍ତୁତି ଆରମ୍ଭ କରନ୍ତି । ଓଡ଼ିଶାର ସାମୁଦ୍ରିକ ବଣିକ କାର୍ତ୍ତିକ ପୂର୍ଣ୍ଣିମା ଦିନ ତାଙ୍କ ନୌବାଣିଜ୍ୟ ଯାତ୍ରାରମ୍ଭ କରୁଥିଲେ । ତେଣୁ ତା'ର ସ୍ମୃତିଚାରଣ ସକାଶେ ବୋଇତ ବନ୍ଦାପନା ଓ ଡଙ୍ଗା ଭସା ପର୍ବ କାର୍ତ୍ତିକ ପୂର୍ଣ୍ଣିମାରେ ଅନୁଷ୍ଠିତ ହୁଏ ।

## ଓଡ଼ିଶା ନୌବାଣିଜ୍ୟର ଇତିହାସ

ପୂର୍ବେ ସ୍ଥଳପଥରେ ଗମନାଗମନର ବିଶେଷ ସୁବିଧା ନଥିଲା । ସ୍ଥଳପଥରେ ଯାତ୍ରା କରି ବ୍ୟବସାୟ କରିବା ମଧ୍ୟ ଥିଲା ଖୁବ୍ କଷ୍ଟସାଧ୍ୟ । ତେଣୁ ଦକ୍ଷ ଓ ଦୁଃସାହସୀ ଓଡ଼ିଆ ସାଧବ ପୁଅ ଗଭୀର ସମୁଦ୍ର ପଥରେ ଦକ୍ଷିଣ ପୂର୍ବ ଏସିଆ ସ୍ଥିତ ଜାଭା, ସୁମାତ୍ରା, ବାଲି, ବର୍ଣ୍ଣିଓ, ଥାଇଲ୍ୟାଣ୍ଡ, ବର୍ମା, ଚୀନ, କାମ୍ବୋଜ, ଶ୍ରୀଲଙ୍କା ପ୍ରଭୃତି ଦେଶ, ରାଜ୍ୟ ଓ ଦ୍ୱୀପରେ ବଣିଜ ବେପାର କରୁଥିଲେ । ଏହି ଧନୀକ ଶ୍ରେଣୀୟ ବଣିକ କୌଣସି ନିର୍ଦ୍ଦିଷ୍ଟ ଜାତି କିମ୍ବା ସମ୍ପ୍ରଦାୟର ନଥିଲେ । ତାଙ୍କ ବୃତ୍ତି ଥିଲା ବେପାର । କାର୍ତ୍ତିକ ପୂର୍ଣ୍ଣିମାରେ ନୌବାଣିଜ୍ୟ ପାଇଁ ଯାତ୍ରାରମ୍ଭ ବେଳେ ସାଥିରେ ଘେନି ଯାଉଥିଲେ ବିଭିନ୍ନ ସୂକ୍ଷ୍ମ ଓ ସୌଖୀନ ସାମଗ୍ରୀ ସହ ରେଶମୀ ଲୁଗା, ହାତ ତିଆରି ପାଟ ବସ୍ତ୍ର, କପା, କଟକର ତାରକସି କାମ ଜିନିଷ, ମାଟିପାତ୍ର, ଲୁଣ, ଚାଉଳ, ହାତୀ ଏବଂ ହାତୀଦାନ୍ତ ଇତ୍ୟାଦି ଦ୍ରବ୍ୟ । ତା ସହିତ କଉଡ଼ି । ଏସବୁର ପ୍ରତିବଦଳରେ ସାଙ୍ଗରେ ନେଇ ଫେରୁଥିଲେ ସୁନା, ରୁପା, ଗୋମେଦ, ପାନ୍ନା, ହୀରା, ନୀଳା, ମୋତି, ମାଣିକ୍ୟ ଓ ବିଭିନ୍ନ ମୂଲ୍ୟବାନ ଧାତୁ । ସାଧାରଣତଃ କଳିଙ୍ଗ ନୌବଣିକ ବିଦେଶର କାର୍ତ୍ତିକରୁ ବୈଶାଖ ପର୍ଯ୍ୟନ୍ତ ରହୁଥିଲେ । ଗ୍ରୀଷ୍ମ ଋତୁର ସାମୁଦ୍ରିକ ଝଡ଼ ସୃଷ୍ଟି ପୂର୍ବରୁ ସ୍ୱଦେଶକୁ ଫେରିଆସୁଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଶୁଭ ତିଥିରେ ଓଡ଼ିଆ ବଣିକ ପୁଅଙ୍କ ସାମୁଦ୍ରିକ ବିଦେଶ ଯାତ୍ରା ପୂର୍ବରୁ କୁଳବଧୂମାନେ ମାଁ ମଙ୍ଗଳାଙ୍କ ପୂଜାର୍ଚ୍ଚନା କରନ୍ତି । ତାଙ୍କରି ନାମ ସ୍ମରଣ କରି ସୂର୍ଯ୍ୟୋଦୟ ପୂର୍ବରୁ ସାଧବ ପୁଅଙ୍କ ବନ୍ଦାପନା କରନ୍ତି । ଭ୍ରମଣକାରୀ ନାବିକଙ୍କ ନିରାପଦ ଯାତ୍ରା ସୁସ୍ଥ ଅବସ୍ଥାନ ଓ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ କାମନା କରନ୍ତି । ଓଡ଼ିଶାର ସମୃଦ୍ଧ ବାଣିଜ୍ୟିକ ଇତିହାସ ଓ ପୂର୍ବପୁରୁଷଙ୍କ ବ୍ୟବସାୟିକ ପରମ୍ପରାକୁ ମନେ ରଖିବା ପାଇଁ ବୋଇତ ବନ୍ଦାଣ ଉତ୍ସବ କାର୍ତ୍ତିକ ପୂର୍ଣ୍ଣିମାରେ ପାଳିତ ହୋଇଥାଏ ।

## ନୌବାଣିଜ୍ୟର ଉଲ୍ଲେଖ

ଓଡ଼ିଶାର ନୌବାଣିଜ୍ୟ କେବଳ ବେପାର ଭିତରେ ସୀମିତ ନଥିଲା । ବଣିଜ ବେପାର ସହିତ ଓଡ଼ିଆ ସାଧବ ପୁଅ ତତ୍କାଳୀନ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରାର ପ୍ରଚାର ପ୍ରସାର ମଧ୍ୟ କରୁଥିଲେ । ସେଥିପାଇଁ ଆଜି ମଧ୍ୟ ଓଡ଼ିଶାର ନାଚ, ଗୀତ, ସଂଗୀତ, ପୋଷାକ ପରିଚ୍ଛଦ, ପୂଜାପାଠ, ରୀତିନୀତି, ଚାଲିଚଳଣିର ଅଲିଭା ଛାପ ଦକ୍ଷିଣ ପୂର୍ବ ଏସିଆର ଅନେକ ଦେଶରେ ଦେଖିବାକୁ ମିଳେ । ରାମାୟଣ, ମହାଭାରତ, ରଘୁବଂଶ ବୌଦ୍ଧଜାତକାଦି ବିଭିନ୍ନ ପୋଥି ପୁରାଣରେ ଅତୀତ ଉତ୍କଳର ଗୌରୋବୋଜ୍ୱଳ ନୌବାଣିଜ୍ୟ ପରମ୍ପରାର ଉଲ୍ଲେଖ ମିଳେ । ଭୁବନେଶ୍ୱରର ବୈତାଳ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ପୁରୀ ଶ୍ରୀମନ୍ଦିରର ଭୋଗ ମଣ୍ଡପ ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ଅତୀତ ନୌବାଣିଜ୍ୟର ଗହନ ସ୍ମୃତି ବହନ କରନ୍ତି । କଟକର ଗଡ଼ଗଡିଆ ଘାଟରେ ପ୍ରତିବର୍ଷ ଆୟୋଜିତ ପ୍ରସିଦ୍ଧ ବାଲିଯାତ୍ରା ବୋଇତ ବନ୍ଦାଣ ଉତ୍ସବର ଏକ ପ୍ରମୁଖ ସ୍ମୃତି ।

ବର୍ତ୍ତମାନ କେବଳ ଇତିହାସ, ପୂର୍ବସ୍ମୃତିକୁ ଆମେ ଚିରଦିନ ପାଇଁ ସାଇତି ରଖିବାକୁ ଚାହୁଁଛୁ କାର୍ତ୍ତିକ ପୁନେଇ ବ୍ରତ ମାଧ୍ୟମରେ । ବୋଇତ ବନ୍ଦାଣ କରି । ଡଙ୍ଗା ଭସାଇ ଅତୀତ ଉତ୍କଳର ସମୃଦ୍ଧଶାଳୀ ନୌବାଣିଜ୍ୟ ପରମ୍ପରା କାର୍ତ୍ତିକ ବ୍ରତର ଏକ ଅଖଣ୍ଡ ଅଂଶ ଓ ଉପାଦେୟ ଅଧ୍ୟାୟ ହୋଇ ରହିଛି । ■



ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ:୭୯୭୮୨୩୧୯୦



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## କିଛି ଲୁହ ପିଇଯାଏ ଓଠ...

୧୯୮୦ ମସିହାରେ ଓଡ଼ିଆରେ ଗୋଟେ ଫିଲ୍ମ ଆସିଥିଲା 'ମା ଓ ମମତା' । ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଏହି ଫିଲ୍ମର ସବୁ ଗୀତଗୁଡ଼ିକ ବେଶ୍ ଶ୍ରୁତିମଧୁର ହୋଇଥିଲା । ମାତ୍ର ସେଥିମଧ୍ୟରୁ "କିଛି ଲୁହ ପୋଛା ହୁଏ ପଣତ କାନିରେ..., ଆଉ କିଛି ପିଇଯାଏ ଓଠ...' ଗୀତଟି ସେତେବେଳେ ଭାରି ପପୁଲାର ହୋଇଥିଲା । ଥରେ ଏହି ଗୀତଟିକୁ ଯିଏ ଥରେ ଶୁଣିଛି, ସେ କେବେ ଭୁଲି ପାରିନାହିଁ । ତେବେ ନୂଆପଡ଼ାରେ ବାବୁ ବସନ୍ତଙ୍କ ଘରପାଖରେ ଏହି ଗୀତଟି ଆଜିକାଲି କୁଆଡ଼େ ଭାରି ବାଜୁଛି ବୋଲି ଆମର କିଛି ଭକ୍ତ କର୍ଣ୍ଣପିଶାଚୀ ଯନ୍ତ୍ରରେ ଖବର ପଠାଇଛନ୍ତି । ଏକ ସମୟରେ କନକବର୍ଦ୍ଧନଙ୍କ ପରି ଟାଣୁଆ ନେତାଙ୍କ ସ୍ଥାନରେ ବାବୁ ବସନ୍ତଙ୍କ ମୁଣ୍ଡରେ ପଦ୍ମ ଦଳ ବାନ୍ଧିଥିଲା ରାଜ୍ୟ ମୁଖ୍ୟ ଶିରିପା । ବସନ୍ତଙ୍କ କାର୍ଯ୍ୟକାଳ ସମୟରେ ପଦ୍ମ ଦଳ ୨୦୧୭ ରେ ପ୍ରଥମ ଥର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଫଳତାର ରେକର୍ଡ ଛୁଇଁଥିଲା । ପ୍ରତିଦାନ ସ୍ୱରୂପ ୨୦୧୯ ରେ ତାଙ୍କୁ ଲୋକସଭା ଟିକଟ ମିଳିଥିଲା ଓ ସେ ବିଜୟୀ ମଧ୍ୟ ହୋଇଥିଲେ । ୨୦୨୪ରେ ବସନ୍ତଙ୍କୁ ଆଉ ଦଳ ଲୋଡ଼ିଲା ନାହିଁ କି ଟିକଟ ଦେଲା ନାହିଁ । ପ୍ରତିବଦଳରେ ପୁଅ ଅଭିନନ୍ଦନଙ୍କୁ ବିଧାନସଭା ଟିକଟ ମିଳିଲା ଓ ସେ ନିର୍ବାଚନରେ ପରାଜିତ ହେଲେ । ରାଜେନ୍ଦ୍ର ଢ଼ୋଲକିଆଙ୍କ ପରଲୋକ ପରେ ନୂଆପଡ଼ାରୁ ବସନ୍ତ ବା ଅଭିନନ୍ଦନ ସ୍ୱାଭାବିକ ଟିକଟ ଦାବିଦାର ଥିଲେ, ମାତ୍ର ଉଭୟଙ୍କୁ ଉପେକ୍ଷା କରି ରାଜେନ୍ଦ୍ର ଢ଼ୋଲକିଆଙ୍କ ପୋଷ୍ୟପୁତ୍ର ଜୟ ଢ଼ୋଲକିଆଙ୍କ ଉପରେ ଦଳ ଭରସା କରି ଟିକଟ ଦେଇଛି । ଯାହାକୁ ନେଇ ସୁତ ଅଭିନନ୍ଦନଙ୍କ ସହ ବସନ୍ତ କୁଆଡ଼େ ଭାରି କ୍ଷୁବ୍ଧ । ଯେତେ ଯେଉଁଠି ଥଇଥାନ କଲେ ବି ହାତରୁ ଥରେ ଗଡ଼ ଖସିଗଲେ ପୁଣି ମିଳିବା କଷ୍ଟ; ଏ କଥା ଅନୁଭବୀ ନେତା ବସନ୍ତ ଜାଣନ୍ତି; ମାତ୍ର କରିବେ କ'ଣ? ■




## ରାମଙ୍କ ନୌକାରେ ଭକ୍ତ

ନୂଆପଡ଼ାରେ ବାଜିରେ ଲାଗିଛି ହାତ ମଠ ମହନ୍ତ ଭକ୍ତ ଦାସଙ୍କ ଇଜ୍ଜତ । ଏ କଥା ଆମେ କହୁନାହୁଁ, ହାତ ଦଳର କର୍ମୀମାନେ କହୁଛନ୍ତି । ଗଲା ନିର୍ବାଚନରେ ଦଳର ପ୍ରମୁଖ ଦାବିଦାର ଘାସିରାମଙ୍କୁ ଟିକଟରୁ ବଞ୍ଚିତ କରି ତତ୍‌କାଳୀନ ମହନ୍ତ ଶରତ ପଟ୍ଟନାୟକ ନୂଆପଡ଼ାରେ ହୋଇଥିଲେ ଦଳୀୟ ପ୍ରାର୍ଥୀ । ଫଳ ହେଲା କ'ଣ ? ଘାସିରାମ ସ୍ୱାଧୀନ ଲଢ଼ି ଦ୍ୱିତୀୟ ସ୍ଥାନରେ ରହିଲେ ଓ ଶରତଙ୍କୁ ମିଳିଲା ଚତୁର୍ଥ ସ୍ଥାନ । ମାତ୍ର ଏଥର ଉପନିର୍ବାଚନରେ ଘାସିରାମଙ୍କ ନୌକାର ମଙ୍ଗ ସମ୍ଭାଳିଛନ୍ତି ନିଜେ ମଠ ମହନ୍ତ ଭକ୍ତଚରଣ । ଘାସିରାମଙ୍କୁ ଖାଲି ଦଳ ଟିକଟ ଦେଇ ନାହାନ୍ତି, ତାଙ୍କ ସାଥୀରେ ଗାଁକୁ ଗାଁ ବୁଲି ପ୍ରଚାର ବି କରୁଛନ୍ତି । ଏପରିକି ନୂଆପଡ଼ାରେ ଘାସିରାମ ବିଜୟୀ ହେବେ ବୋଲି ମଧ୍ୟ ଭକ୍ତ ଦୃଢ଼ୋକ୍ତି ବାଢ଼ିଛନ୍ତି । ଗଲା ନିର୍ବାଚନରେ ସ୍ୱାଧୀନ ଘାସିରାମ ଓ ହାତ ଦଳ ପ୍ରାର୍ଥୀ ଶରତ ମିଳିତ ଭାବରେ ପାଇଥିବା ଭୋଟରେ ଏଥର ହାତ ପାର୍ଟି ନିଶ୍ଚିତ ଜିତିବ ବୋଲି ବି ସେ ବିଭିନ୍ନ ଗଣମାଧ୍ୟମରେ କହୁଥିବା ଶୁଣାଯାଇଛି । ମାତ୍ର ଘାସିରାମ ଓ ଭକ୍ତଙ୍କ ବ୍ୟତୀତ ହାତ ଦଳର ଅନ୍ୟ କୌଣସି ରାଜ୍ୟସ୍ତରୀୟ ନେତାଙ୍କୁ ସେଠାରେ ଦେଖିବାକୁ ନ ମିଳିବା ଦଳର କର୍ମୀଙ୍କୁ ଅଶ୍ୱସ୍ତିକର ବୋଧ ହେଉଛି । ପୂର୍ବରୁ ନୂଆପଡ଼ାରେ ଶଙ୍ଖ ଦଳ ବିଜୟୀ ହୋଇଥିଲା; ଘାସିରାମ ଦ୍ୱିତୀୟ ସ୍ଥାନରେ ଓ ପଦ୍ମ ପ୍ରାର୍ଥୀଙ୍କୁ ମିଳିଥିଲା ତୃତୀୟ ସ୍ଥାନ । ତେଣୁ ଆଗାମୀ ଦିନରେ ନୂଆପଡ଼ା ଲଢ଼େଇ ରୋଚକ ହେବା ସମ୍ଭାବନା ଅଧିକ । ତେଣୁ ଶଙ୍ଖ-ପଦ୍ମ ଲଢ଼େଇ ମଧ୍ୟରେ ହାତ ଦଳ କାଳେ ଜିତିଯିବ, ସେଥିପାଇଁ ଭକ୍ତ ମଇଦାନ ଛାଡ଼ିବାକୁ ନାରାଜ । ସେଥିପାଇଁ ହାତ ପାର୍ଟିର ଅନ୍ୟନେତାଙ୍କ ପାଇଁ ନୂଆପଡ଼ା ଯିବା ରାସ୍ତାରେ ଭକ୍ତ କୁଆଡ଼େ କଣ୍ଟା ବିଛାଇ ଦେଇଛନ୍ତି ବୋଲି ଦଳରେ ଫୁସୁରୁଫାସର ଚାଲିଛି । ■



## ସୂର୍ଯ୍ୟରେ ଲାଗିଲା ଗ୍ରହଣ

ବିଷ୍ଣୁ ତନୟ ସୂରଜଙ୍କ ବେଳକାଳ ବୋଧେ ଠିକ୍ ଚାଲିନାହିଁ । ଗଲା କେଇମାସ ହେଲା ଗୋଟାକ ପରେ ଗୋଟାଏ ଘଟଣା ତାଙ୍କୁ ବିବାଦକୁ ଟାଣି ନେଉଛି । ଏବିଭିପି ନେତ୍ରୀ ତଥା ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପରଠାରୁ ସୂରଜଙ୍କ ତେଜ ଯେପରି ମଳିନ ପଡ଼ି ଯାଇଛି । ପଦ୍ମ ଦଳ ସହବନ୍ଧିତ ଛାତ୍ର ଶାଖା ଏବିଭିପି ନେତାମାନେ ତାଙ୍କ ଉଦ୍ଦେଶ୍ୟରେ ଅଙ୍ଗୁଳି ଉଠାଇଥିଲେ ବି ଦଳର କେହି ତାଙ୍କ ସପକ୍ଷରେ ମୁହଁ ନ ଖୋଲିବା ସୂରଜଙ୍କ ଆତ୍ମାକୁ କୁଆଡ଼େ ଭାରି ବାଧୁଛି । ଏହି ଘଟଣାର ଅବସାଦରୁ ନ ମୁକୁଳୁଣୁ ଛାତ୍ର ସଂସଦ ନିର୍ବାଚନ କରାଇବାରେ ଅସାମର୍ଥ୍ୟତାର କଳଙ୍କ ବି ତାଙ୍କ ମଥାରେ ଲାଗିଛି । ଶଙ୍ଖ ଦଳିଆ ଓ ହାତ ଦଳିଆ ଛାତ୍ର ନେତାଙ୍କ ସହ ପଦ୍ମ ଦଳିଆ ଛାତ୍ର ବି ତାଙ୍କୁ ଦୋଷ ଦେଉଛନ୍ତି । ଏହି ସମୟରେ ନୂଆପଡ଼ା ଉପନିର୍ବାଚନ ତାରକା ପ୍ରଚାରକ ସୂଚୀରୁ ତାଙ୍କ ପରି ଯୁବ ନେତାଙ୍କୁ ବାଦ ଦେବା ଘଟଣାକୁ ସୂରଜଙ୍କ ସହଯୋଗୀ ଓ ଅନୁଗତମାନେ ଆଦୌ ଗ୍ରହଣ କରିପାରୁ ନାହାନ୍ତି । ଛତିଶଗଡ଼ ମନ୍ତ୍ରୀ ନେତାଙ୍କୁ ନୂଆପଡ଼ାରେ ତାରକା ପ୍ରଚାରକ କରାଯାଇଛି, ଉପକୂଳ ଅଞ୍ଚଳର କିଛି ବିଧାୟକ ଓ ଦଳୀୟ ନେତା ଏହି ତାଲିକାରେ ସ୍ଥାନ ପାଇଛନ୍ତି; ମାତ୍ର ଦଳିତ ବର୍ଗରୁ ପ୍ରତିନିଧିତ୍ୱ କରୁଥିବା ଜଣେ ଯୁବମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ତାରକା ପ୍ରଚାରକ ସୂଚୀରୁ କେଉଁ ଉଦ୍ଦେଶ୍ୟରେ ବାଦ ଦିଆଗଲା ତାହା ତାଙ୍କ ଅନୁଗତମାନେ ବୁଝି ପାରୁନାହାନ୍ତି । ଏପରିକି ଭଦ୍ରକ ଜିଲ୍ଲାର କିଛି ଯୁବ ନେତା ଏହାକୁ ଜିଲ୍ଲା ରାଜନୀତି ସହ ଯୋଡ଼ିବା ଆରମ୍ଭ କରିଛନ୍ତି । ଦଳର କିଛି ଟାଣୁଆ ନେତାଙ୍କ ସହ ସୂରଜଙ୍କ ସମ୍ପର୍କ କୁଆଡ଼େ କିଛି ନେତାଙ୍କ ପାଇଁ କଷ୍ଟଦାୟକ ହୋଇଥିବା ଏହି ଅନୁଗତ ବର୍ଗ ଆଶଙ୍କା କରୁଛନ୍ତି । ଅବଶ୍ୟ ଏହି ଆଶଙ୍କା ସତ କି ମିଛ ତାହା ଆମକୁ ଜଣା ନାହିଁ । ■



## ମଠ ଫାଟକରେ ତାଲା

କେଇମାସ ତଳେ ମାଷ୍ଟରକ୍ୟାଣ୍ଟିନ ହାତ ମଠରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ହୋଲି ଖେଳିବାକୁ ଆସିଥିବା ଜଣେ ଯୁବତୀଙ୍କୁ ଦଳର ମହିଳା ନେତ୍ରୀମାନେ ଗୋଡ଼େଇ ଗୋଡ଼େଇ ସେଠାରୁ ବାହାର କରି ଦେଇଥିଲେ । ସେତେବେଳେ ଏହି ଘଟଣା ଲୋକଙ୍କ ଭିତରେ ଭାରି ଚର୍ଚ୍ଚା ସୃଷ୍ଟି କରିଥିଲା । ଛଅ ମାସ ପରେ ହାତ ମଠରେ ଅନୁରୂପ ଆଉ ଏକ ଘଟଣାର ପୁନରାବୃତ୍ତି ଘଟିଛି । ହାତ ଦଳରେ ମିଶିବାକୁ ଟ୍ରକ୍ ବସ୍‌ରେ ବଡ଼ଚଣାରୁ ହଜାର ହଜାର ଲୋକଙ୍କୁ ସାଥୀରେ ନେଇ ଆସିଥିବା ଏକ ଯାତ୍ରାପାର୍ଟି ମାଲିକ ଅନନ୍ତନାରାୟଣ ଓରଫ୍ ନାଣ୍ଟୁଙ୍କ ପାଇଁ ହାତ ଫାଟକରେ ତାଲା ପଡ଼ିଛି । ଗଣମାଧ୍ୟମଗୁଡ଼ିକରେ ଯାତ୍ରାପାର୍ଟି ମାଲିକଙ୍କ କଂଗ୍ରେସ ଯୋଗଦାନ ନିମନ୍ତେ ଶୋଭାଯାତ୍ରା ଓ ମଠ ମହନ୍ତଙ୍କ ନିର୍ଦ୍ଦେଶରେ ତାଙ୍କୁ ସେଠାରୁ ନିରାଶ କରି ଫେରାଇ ଦିଆଯିବା ଦୃଶ୍ୟ ଡିବିଡିବି ହୋଇ ବାଜିଛି । କେଇଦିନ ତଳେ ସମସ୍ତଙ୍କ ପାଇଁ ହାତ ଦଳ ଦ୍ୱାର ଖୋଲା ବୋଲି ଘୋଷଣା କରିଥିବା ମହନ୍ତ ଭକ୍ତ ସିଧାସିଧା ନାଣ୍ଟୁଙ୍କୁ ଦଳରେ ଗ୍ରହଣ କରାଯିବ ନାହିଁ ବୋଲି ଘୋଷଣା କରିଛନ୍ତି । ଯାବତୀୟ ଅପରାଧିକ ଅଭିଯୋଗ ଥିବାରୁ ନାଣ୍ଟୁଙ୍କ ପାଇଁ ହାତ ମଠ ଫାଟକରେ ତାଲା ପକାଇବାକୁ ନିର୍ଦ୍ଦେଶ ଦେଇଥିବା ଭକ୍ତ ବି ନିଜେ ସ୍ୱୀକାର କରିଛନ୍ତି । ହେଲେ ନାଣ୍ଟୁ କେଉଁ ଛାଡ଼ିବା ଲୋକ ? ସେ ଦିଲ୍ଲୀ ଯାଇ ରାହୁଲଙ୍କ ନିକଟରେ ହାତ ଦଳରେ ମିଶିବେ ବୋଲି ମହନ୍ତ ଭକ୍ତଙ୍କୁ ସିଧା ଚାଲେଞ୍ଜ ଦେଇଛନ୍ତି । ନାଣ୍ଟୁ ଓ ଭକ୍ତଙ୍କ ଏହି ଆଗ୍ରହ-ଅନାଗ୍ରହ ନାଟକ ଦେଖି ହାତ ଦଳିଆ ଆଉ କିଛି ନେତା ମୁରୁକିହସା ମାରୁଛନ୍ତି । ନାଣ୍ଟୁ ପ୍ରକରଣ ଘଟଣା ପଛରେ ଅନ୍ୟ କିଛି ରହସ୍ୟ ଥିବା ଶିଶୁଭବନ ଛକରେ ହାତ ଦଳିଆ ଟୋକା ନେତାଙ୍କ ଚା' ଖଟିରେ ଚର୍ଚ୍ଚା କରୁଛନ୍ତି ; ମାତ୍ର ସେହି ରହସ୍ୟଟି କ'ଣ କି? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।